## ୧୦ କୋଟିର ଠକେଇ

# ଲୋକଙ୍କ ଟଙ୍କାରେ ଅୟସ କରୁଥିଲେ

ଧୀରେଧୀରେ ବଦଳିଛି ଟଙ୍କା କାରବାରର ରୂପରେଖ। ହାତକୁ ହାତ ନୁହେଁ ଅନଲାଇନ ମାଧ୍ୟମରେ ଟଙ୍କା ଦେଣନେଣ କରାଯାଉଛି। କମ୍ ସମୟରେ ଲୋକମାନେ କୋଟିପତି ହେବାର ସ୍ୱପ୍ନଦେଖି ଅଦୃଶ୍ୟ ଟଙ୍କାର ମୋହରେ ପଡ଼ି ବିସ୍ୱାନ୍ତ ହେବାକୁ ବସିଛନ୍ତି। ଏପଟେ ଠକମାନେ ବିଳାସପୂର୍ଣ୍ଣ ଗାଡ଼ି ବ୍ୟବହାର କରି ଏକ ବାଦ୍‌ଶାହା ଜୀବନ ବିତାଉଥିଲେ। କ୍ରିପ୍ଟୋ କରେନ୍ସି ଅସଲରେ କେମିତି ଦିଶେ ତାହା କେହି ଦେଖିନାହାନ୍ତି। ମାତ୍ର କିଛି ସମୟ ବ୍ୟବଧାନରେ ଏହାର ମୂଲ୍ୟ ବୃଦ୍ଧି ପାଉଥିବାରୁ କ୍ରିପ୍ଟୋ କରେନ୍ସିକୁ ନେଇ ଲୋକେ ବାଉଳା ହେଉଛନ୍ତି।

**ବଲାଙ୍ଗିର, ୨୦।୧(ସମିସ)**

ବଲାଙ୍ଗିରରେ କ୍ରିପ୍ଟୋ କରେନ୍ସି ରାକେଟ୍‌ର ଏକ ବଡଧରଣର ଠକେଇ କାରବାରକୁ ବଲାଙ୍ଗିର ପୁଲିସ ଧରିବାରେ ସଫଳ ହୋଇଛି। ଏହି ଘଟଣା ପ୍ରଘଟ ପରେ ଏହାକୁ ନେଇ ଚାରିଆଡେ ଚର୍ଚ୍ଚା ଜୋର ଧରିଛି। ତେବେ ଏହି କ୍ରିପ୍ଟୋ କରେନ୍ସି କଣ? ଏହାକୁ କେମିତି ତିଆରି କରାଯାଏ ? କେବେଠାରୁ ଏହି ଟଙ୍କା ବଜାରକୁ ଆସିଛି। କ୍ରିପ୍ଟୋ କରେନ୍ସିରେ ଏମିତି କଣ ରହିଛି ଯେ ସମୟ ସମୟରେ ଏହାର ମୂଲ୍ୟ ବୃଦ୍ଧି ହେଉଛି। ଏମିତି ବିଭିନ୍ନ ପ୍ରଶ୍ନ ଲୋକଙ୍କ ମନରେ ଉଙ୍କି ମାରୁଛି।

### କେମିତି ଲୋକଙ୍କୁ ଠକୁଥିଲା ପେଗ୍‌ମାଟାଇଟ୍

ପୁଲିସର କହିବା ଅନୁସାରେ ବଲାଙ୍ଗିର ସହରର ସୁଦପଡ଼ାଠାରେ ରହିଥିଲା ପେଗମାଟାଇଟ କମ୍ପାନୀର କାର୍ଯ୍ୟାଳୟ। ପ୍ରସନ୍ନ ମେହେର ଏହାର ମାଷ୍ଟରମାଇଣ୍ଡ ଭାବରେ ନେଟୱାର୍କ କୁ ପରିଚାଳନା କରୁଥିଲେ। କ୍ରିପ୍ଟୋକରେନ୍ସି ର ବିଟକଏନ ଭଳି ଡାଇକନ ନାମରେ ଏକ କଏନ ସୃଷ୍ଟି କରିଥିଲେ। ସେମାନେ ଲୋକଙ୍କୁ ପ୍ରଲୋଭନ ଦେଖାଉଥିଲେ ଯେ ୨୦୨୦ ଅଗଷ୍ଟରେ ଡାଇକନର ମୂଲ୍ୟ ୧୦ ପଇସା ରହିଥିବା ବେଳେ ବର୍ତ୍ତମାନ ତାହା ବୃଦ୍ଧି ପାଇ ୮୫ ପଇସାରେ ପହଞ୍ଚିଛି। ସେମାନେ ୧୦ ହଜାର କୋଟି ଡାଇକନ ସୃଷ୍ଟି କରିବାକୁ ଯୋଜନା କରିଥିବାବେଳେ ଏଥିରୁ ମାତ୍ର ୧.୫ ପ୍ରତିଶତ ଡାଇକନର ବଜାର ପ୍ରବେଶ କରିଥିଲେ। ଡାଇକନର ମୂଲ୍ୟ ବୃଦ୍ଧି କିମ୍ବା ହ୍ରାସ କରିବା ସେମାନଙ୍କ ନିୟନ୍ତ୍ରଣରେ ଥିଲା। ଏହି ଠକ ଜାଲରେ ପଡ଼ି ପ୍ରାୟ ୨୦୦୦ରୁ ଊର୍ଦ୍ଧ୍ୱ ଲୋକ ଡାଇକନ କିଣିଥିବା ପୁଲିସ ସୂଚନା ଦେଇଛି ଯାହାକି ପ୍ରାୟ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଯେଉଁମାନେ ଡାଇକନ କିଣି ବର୍ଷକ ପାଇଁ ଏହାକୁ ବନ୍ଧକ ରଖୁଥିଲେ ସେମାନଙ୍କୁ ଗୋଆ, ଥାଇଲାଣ୍ଡ ଯାତ୍ରା କରିବାକୁ ସୁଯୋଗ ଦେଉଥିଲେ। ଏବଂ ସେମାନଙ୍କ ଟଙ୍କାରେ ପ୍ରସନ୍ନ ମେହେର ଓ ଅନ୍ୟମାନେ ମଉଜ କରୁଥିଲେ।






### କେମିତି ଥିଲା ଡାଇକନର ଚେନ୍ ବ୍ୟବସ୍ଥା

ପେଗମାଟାଇଟ କମ୍ପାନୀ ଅଧିନରେ ଯେଉଁ ଏଜେଣ୍ଟମାନେ କାମ କରୁଥିଲେ ସେମାନଙ୍କୁ କିଛି ଜିନିଷ ବିକ୍ରି କରିବାକୁ ଦିଆଯାଉଥିଲା। ସେମାନେ ଦୋକାନ ଖୋଲି ବସୁଥିଲେ। ଏବଂ ଗ୍ରାହକଙ୍କୁ ପେଗମାଟାଇଟ କମ୍ପାନୀ ଓ ଡାଇକନରେ ନିବେଶ କରିବାକୁ ପ୍ରବର୍ତ୍ତାଉ ଥିଲେ। ଯଦି ସେମାନେ ଡାଇକନରେ ୪ ଲକ୍ଷ ଟଙ୍କା ଲଗାଇ ବର୍ଷକ ପାଇଁ ତାକୁ ବନ୍ଧକ ପକାଇବେ ତାହେଲେ ସେମାନଙ୍କ ଟଙ୍କା ୮୫ ପଇସା ଆକାରରେ ବୃଦ୍ଧି ହେବା ସହିତ ତାଙ୍କୁ ଦେଶବିଦେଶ ବୁଲିବାକୁ ସୁଯୋଗ ଦିଆଯିବ। ପୁଣି ସେମାନେ ଆହୁରି ଅଧିକ ଲୋକ ଯୋଡିଲେ ଆହୁରି ଲୋଭନୀୟ ଅଫର ପ୍ରଦାନ କରାଯିବ ବୋଲି କହୁଥିଲେ।



### କେମିତି ଥିଲା ନିବେଶ ବ୍ୟବସ୍ଥା

ଡାଇକନରେ ଟଙ୍କା ନିବେଶ କଲା ପରେ ସେମାନେ ଏକ ଗୁପ୍ତ ନମ୍ବର ଜରିଆରେ ଗ୍ରାହକଙ୍କୁ ହ୍ୱାଟସଆପ୍ କଲ କରୁଥିଲେ। ତାପରେ ସେମାନଙ୍କୁ ଏକ ଆଇଡି ପ୍ରଦାନ କରାଯାଉଥିଲା। ସେହି ଆଇଡିରେ ଡାଇକନର ନିବେଶକଙ୍କ ପ୍ରୋଫାଇଲ ତଥ୍ୟ ଓ ସବିଶେଷ ବିବରିଣୀ ରହୁଥିଲା।

### ପେଗ୍‌ମାଟାଇଟ୍, ଡାଇକନର ସ୍ୱତନ୍ତ୍ର ସଫ୍ଟୱେର୍

ପେଗମାଟାଇଟ କମ୍ପାନୀ ଓ ଡାଇକନର ସ୍ୱତନ୍ତ୍ର ଇଣ୍ଟରନେଟ ସାଇଟ ଓ ସଫ୍ଟୱେର ରହିଥିଲା। ଏହି ସଫ୍ଟୱେରକୁ ଗୁଜୁରାଟର ଏକ୍ସ ନାମକ ଏକ କମ୍ପାନୀ ପ୍ରସ୍ତୁତ କରିଥିଲା। ଏକ୍ସଚେଞ୍ଜ ରିଟର୍ଣ୍ଣ ପାଇଁ ଏକ ବ୍ଲକଚେନ କମ୍ପାନୀଠାରୁ ଏକ୍ସଚେଞ୍ଜ ରିଟର୍ଣ୍ଣ ଲିଷ୍ଟ ପ୍ରସ୍ତୁତ କରିଥିଲେ। ଡାଇକନର ମୂଲ୍ୟ ବୃଦ୍ଧି ଓ ହ୍ରାସ ସେମାନଙ୍କ ନିୟନ୍ତ୍ରଣ ରେ ରହିଥିଲା। ଜୟପୁରରୁ ଗିରଫ ହୋଇଥିବା ସୁବ୍ରତ ଓଝା ଏକ ୟୁଟ୍ୟୁବ ଚାନେଲ ଖୋଲି ଡାଇକନ ସମ୍ପର୍କରେ ବିଭିନ୍ନ ସୂଚନା ଓ ତଥ୍ୟ ଦେଉଥିଲେ। ଏଭଳି ଭାବରେ ବିଭିନ୍ନ ସ୍ଥାନରୁ ଚେନ୍ କରି ସମ୍ପୂର୍ଣ୍ଣ ଭାବରେ ଏକ ଠକେଇର ଜାଲ ବିଛାଇବାରେ ସଫଳ ହୋଇଥିଲେ।

### ୪ ଦାମି କାର ଜବତ

କ୍ରିପ୍ଟୋ କରେନ୍ସିର ଠକେଇ କାରବାରରେ ପୁଲିସ ନଗଦ ୮ଲକ୍ଷ ୩୪ ହଜାର ୩୦୦ ଟଙ୍କା ଜବତ କରିଛି। ପାଖାପାଖି ୫୫ ଲକ୍ଷ ଟଙ୍କାର ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରିଛି। ଏହା ସହିତ ୪ ଟି ଦାମୀ କାର, ୪ ଟି ଦାମୀ ବାଇକ, ୨୫ ଟି ସ୍ମାର୍ଟ ଫୋନ, ୩ ଟି ଲାପଟପ, ୩ ଟି ଡେସ୍କଟପ ଆଦି ଜବତ କରିଛି। ସୁଦପଡ଼ାରେ ଥିବା ପେଗମାଟାଇଟ କାର୍ଯ୍ୟାଳୟ କୁ ସିଲ କରିଛି ବଲାଙ୍ଗିର ପୁଲିସ। ଏହି ଘଟଣାରେ ଆହୁରି ଅନେକ ଙ୍କ ସମ୍ପୃକ୍ତି ଥିବା କୁହାଯାଉଥିବାବେଳେ ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି କୁହାଯାଇଛି।

## 'ଯୁବ ଓଡ଼ିଶା-ନୂଆ ଓଡ଼ିଶା' କାର୍ଯ୍ୟକ୍ରମରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା

**ପାଟଣାଗଡ଼ ୨୦।୧(ସମିସ):** ପାଟଣାଗଡ଼ ବ୍ଲକ ଅନ୍ତର୍ଗତ ଭଇଁଷା ଜ୍ୟୋତି ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ଯୁବ ଓଡ଼ିଶା ନୂଆ ଓଡ଼ିଶା କାର୍ଯ୍ୟକ୍ରମରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ କଲେଜ ଅଧ୍ୟକ୍ଷା ଆଭାମୟୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତା କରିଥିବା ବେଳେ ଭଇଁଷା ପଞ୍ଚାୟତର ସମିତି ସଭ୍ୟ ଛନ୍ଦାଚରଣ ସାହୁ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଜ୍ୟୋତି ବିକାଶ ଡିଗ୍ରୀ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପିକା ଜ୍ୟୋସ୍ନାମୟୀ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୋଡାଲ ଅଫିସର ଠଣସୁନ୍ଦର ମେହେର ଓ ଓଡ଼ିଆ ଅଧ୍ୟାପିକା ମାମିନା ବାଗ ଆଲୋଚିକା ଭାବେ ମଞ୍ଚାସୀନ ଥିଲେ। ଓଡ଼ିଆ ଅଧ୍ୟାପକ ସନ୍ତୋଷ କୁମାର ରାଉତ ସ୍ୱାଗତ ଭାଷଣ ଦେବା ସହିତ ଏହାକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ଓଡ଼ିଆ ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପରେ ସାହିତ୍ୟର ବିଭିନ୍ନ ବିଭାଗକୁ ନେଇ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାରେ ସଫଳତା ପାଇଥିବା କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟିକୁ ବିଦ୍ୟାଳୟର ଅଧ୍ୟାପକ ଜିତେନ୍ଦ୍ର ଦାଶ, ଗୁଣସାଗର ଠାକୁର, କହ୍ନେଇ ତାଣ୍ଡି, ଡିଲେଶ୍ୱର ବାଗ୍, ଅବିନାଶ ବାଗ, ଶ୍ରୀକାନ୍ତ ଗୁରୁ, ଭାରତୀ ସେଠ୍, ଆକାଂକ୍ଷା ମିଶ୍ର, ସୁଶ୍ରୀତା ବେଜ୍, କୁଳମଣି ବାବୁ, ବିରଞ୍ଚି ପଟେଲ, ହୃଷୀକେଶ ଠାକୁର, ସନ୍ତୋଷ କୁମାର ପଟେଲ, ଗୋପବନ୍ଧୁ ସାହୁ, ଅମୁରାରି ସାହୁ, ଉଦ୍ଧବ ପଟେଲ, ମହାଦେବ ବାବୁ, ସୁରୁକଣ୍ଠ ସୁନା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ଜିତେନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।



## ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଦିନ ମଦ, ମାଂସ ବିକ୍ରି ବନ୍ଦ ଦାବି

### ଦାବିପତ୍ର ପ୍ରଦାନ କଲା ଆଦିବାସୀ କଲ୍ୟାଣ ସଂଘ

**ପାଟଣାଗଡ଼, ୨୦।୧(ସମିସ):** ଆସନ୍ତା ୨୨ ତାରିଖରେ ଭବ୍ୟ ଶ୍ରୀରାମ ମନ୍ଦିର ସହ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ପ୍ରତ୍ୟେକଙ୍କ ଘରେ, ମନ୍ଦିରମାନଙ୍କରେ, ପୁରପଲ୍ଲୀରେ ଅଖଣ୍ଡ ଦୀପ, ନାମଯଜ୍ଞ, ଅଖଣ୍ଡ ଘୃତଯଜ୍ଞ, କୀର୍ତ୍ତନ, କଳସ ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି। ପାଟଣାଗଡ଼ ଉପଖଣ୍ଡର ପ୍ରତ୍ୟେକ ଗ୍ରାମରେ ଓ ସହରରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହ ଭକ୍ତିମୟ ପରିବେଶ ସୃଷ୍ଟି କରିବାକୁ ମଦ ଓ ମାଂସ ବିକ୍ରି ବନ୍ଦ କରିବା ପାଇଁ ଶନିବାର ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ଯୁଗ୍ମ ସମ୍ପାଦକ ଗିରିରାଜ ଭୋଇଙ୍କ ନେତୃତ୍ୱରେ ଉପ ଜିଲ୍ଲାପାଳ ଉପସ୍ଥିତ ନଥିବାରୁ ସହକାରୀ ଜିଲ୍ଲାପାଳ ଓ ଥାନାଧିକାରୀ ଙ୍କୁ ଲିଖିତ ଭାବେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ହୃଷିକେଶ ଭୋଇ, ବଲ୍ଲଭ ଧରୁଆ, ଗୌରାଙ୍ଗ ବରିହା, ଚନ୍ଦ୍ରମଣି ବାଗ, ଚୁଡାମଣି ଧରୁଆ, ବଳରାମ ବରିହା, ସୁଦୀପ୍ତ ରଞ୍ଜନ ସୁଆର, ଗୋରେଖନାଥ ବରିହା, ବିଭିସନ ବରିହା ଉପସ୍ଥିତ ଥିଲେ।



## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରତିଯୋଗିତା ଉଦ୍‌ଯାପିତ

**କଣ୍ଟାବାଞ୍ଜି, ୨୦।୧(ସମିସ):** ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ ସଦର ମହକୁମାରେ ଥିବା ରାଜୀବ ଗାନ୍ଧୀ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦ୍ୱାରା ଗତ ୧୬ତାରିଖରୁ ଆରମ୍ଭ ହୋଇଥିବା ପ୍ରତିଯୋଗିତା ଆଜି ଉଦଯାପିତ ହୋଇଯାଇଛି। ଅଧ୍ୟକ୍ଷ ଅଶ୍ୱିନୀ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ବିଜେଡି ବରିଷ୍ଠ ନେତା ଅଜୟ ଦାସ, ବେଲପଡ଼ା ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ଼. ବ୍ରଜମୋହନ ମେହେର ମୁଖ୍ୟବକ୍ତା, ସ୍ୱତନ୍ତ୍ର ଅତିଥି ଭାବେ ଅଡିଟ ଅଫିସର କ୍ଷମାନିଧି ପ୍ରଧାନ, ଅଧ୍ୟାପକ ଅମୂଲ୍ୟ ପାଣିଗ୍ରାହୀ, ଶ୍ରାବଣୀ ବାରିକ, ମାନସ କୁମାର ନାଗ ମଞ୍ଚାସୀନ ଥିଲେ। ଅଧ୍ୟାପକ ଦିଲୀପ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରେ ଜଗନ୍ନାଥ ସଂସ୍କୃତି ସମ୍ପର୍କିତ ଆଲୋଚନାଚକ୍ର ଏବଂ ଛାତ୍ରୀମାନଙ୍କ ଦ୍ୱାରା ଦଳଗତ ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ନୋଡାଲ ଅଫିସର ଶ୍ରୀ ପ୍ରଧାନ ତଥା ସମସ୍ତ କର୍ମଚାରୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।




## ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନାଚକ୍ର

**କଣ୍ଟାବାଞ୍ଜି, ୨୦।୧(ସମିସ):** ମହିଳା ସ୍ନାତକ ମହାବିଦ୍ୟାଳୟ କଣ୍ଟାବାଞ୍ଜିରେ 'ନୂଆ ଓଡ଼ିଶା', ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ଓ ଜଗନ୍ନାଥ ସଂସ୍କୃତିକୁ ନେଇ ଏକ ସାହିତ୍ୟ ଆଲୋଚନାଚକ୍ର ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର ପୁରୋହିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଓଡ଼ିଆ ବିଭାଗ ପ୍ରାଧ୍ୟାପକ ବିଜୟ



ବାରିକ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିବାବେଳେ କଣ୍ଟାବାଞ୍ଜି ବୈଷୟିକ ଶିକ୍ଷାନୁଷ୍ଠାନର ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ ଡ଼କ୍ଟର ସଞ୍ଜୟ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଡ଼କ୍ଟର ସଞ୍ଜୟ ମିଶ୍ର ଜଗନ୍ନାଥ ସଂସ୍କୃତି କଣ, ଏହାର ଆବଶ୍ୟକତା ଓ ବିକାଶ କିପରି ହେଇପାରିବ ସେ ବିଷୟରେ ଛାତ୍ରୀମାନଙ୍କୁ ଅଭିଭାଷଣ ପ୍ରଦାନ କରିଥିଲେ। ଡ଼କ୍ଟର ମିଶ୍ର ଅଭିଭାଷଣ ପରେ ନିଜେ ଦେଇଥିବା ଅଭିଭାଷଣରୁ କିଛି ପ୍ରଶ୍ନ ସଭାରେ ଉପସ୍ଥିତ ଥିବା ଛାତ୍ରୀମାନଙ୍କୁ ପଚାରିବା ସହ ସଠିକ ଉତ୍ତର ଦେଇଥିବା ଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ବିଜୟ ବାରିକ ତାଙ୍କ ଅଭିଭାଷଣରେ ଜଗନ୍ନାଥ ସଂସ୍କୃତିର ଉତ୍ପତ୍ତି, ଦର୍ଶନ ଓ ଆଜିର ଆଧୁନିକ ସମାଜରେ ଏହାର କାର୍ଯ୍ୟକାରିତା ଓ ବାସ୍ତବତା କଣ ସେ ବିଷୟରେ ଉପସ୍ଥାପନା କରିଥିଲେ। ଏହି ସଭାରେ ଉଭୟ ଅତିଥିଙ୍କୁ ଫୁଲତୋଡ଼ା ଓ ଉପଢ଼ୌକନ ଦେଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ପୁରୋହିତ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମର ନୋଡାଲ ଅଫିସର ଯୁଧିଷ୍ଠିର ବେହେରା ମଞ୍ଚରେ ସ୍ୱାଗତଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟକ୍ଷ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

## ନୂଆଁପାଲି ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ

**ଦେଓଗାଁ, ୨୦।୧(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ ନୂଆଁପାଲି ଧନୁଯାତ୍ରା ମହୋତ୍ସବ ଶନିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ସଭାପତି କୌସ୍ତୁଭମଣି ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଦିବସରେ ମୁଖ୍ୟଅତିଥିଭାବେ ସ୍ଥାନୀୟ ସରପଞ୍ଚ ଯଶୋବନ୍ତୀ ନାଏକ, ସମ୍ମାନୀତ ଅତିଥି ଉପରଝର ପେକ୍ସ ସଭାପତି କପିଳେଶ୍ୱର ନାଏକ, ସମିତିସଭ୍ୟା ବୀଣାପାଣି ବିଶ୍ୱାଳ, ପ୍ରମୋଦ ବହିଦାର ଓ ବିଜେଡି ବ୍ଲକ ଯୁବ ସଭାପତି ଶୈଳେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ଦିବସରେ ଉଗ୍ରସେନ ରାଜାଙ୍କ ଗାଦିଚ୍ୟୁତ, କଂସ ମହାରାଜଙ୍କୁ ଶୂନ୍ୟବାଣୀ ଓ ଦେବକୀ ବସୁଦେବଙ୍କୁ ବନ୍ଦୀଶାଳାକୁ ନିକ୍ଷେପ ଆଦି ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା। ଏଥିରେ ଉଗ୍ରସେନ ଭୂମିକାରେ ଶ୍ୟାମସୁନ୍ଦର ମେହେର, ମନ୍ତ୍ରୀ ସୁବାଷ ବାଗ, ବସୁଦେବ ଅଜୟ ସାହୁ, ଦେବକୀ ସସ୍ମିତା ଦାସ, ସଖା କେଶିଦତ୍ୟ ଗଙ୍ଗାଜଳ ମେହେର ଓ କଂସରାଜା ଭୂମିକାରେ ପ୍ରଫୁଲ୍ଲ ମେହେର ଅଭିନୟ କରିଥିଲେ। ଏ ଅବସରରେ ପ୍ରତ୍ୟହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ମହୋତ୍ସବକୁ ମହାଦେବ ପଧାନ, ଶମ୍ଭୁ ଦୋରା, ବିପିନ ବିଶ୍ୱାଳ, କବି ଦୋରା, ସିଦ୍ଧେଶ ଦୋରା, ମଦନ ମନହୀରା, ଜଗଦିଶ ଶତପଥି, ସାୟା ମନହୀରା, ବୁଠି ଦୋରା, ଅଶୋକ ଶତପଥି, ସୁବାଷ ବିଶ୍ୱାଳ ତଥା ଧନୁଯାତ୍ରା କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରୁଛନ୍ତି।

## ନୀଳମଣି ବାଗ-ମୁକେଶ ତାଣ୍ଡି ସ୍ମାରକୀ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

**କଣ୍ଟାବାଞ୍ଜି, ୨୦।୧(ସମିସ)**

କଣ୍ଟାବାଞ୍ଜି ନୂଆପଡ଼ା ନେତାଜୀ ସୁବାସ ଚନ୍ଦ୍ର ବୋଷ କ୍ରିକେଟ କ୍ଲବ ପକ୍ଷରୁ ସ୍ଥାନୀୟ ହାଇସ୍କୁଲ ଖେଳପଡ଼ିଆ ଠାରେ ଶନିବାର ନୀଳମଣି ବାଗ ଏବଂ ମୁକେଶ ତାଣ୍ଡି ସ୍ମାରକୀ ସର୍ବଭାରତୀୟ ନକଆଉଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଗଣ୍ଡା ସମାଜ ସଭାପତି ଚନ୍ଦ୍ରଶେଖର ନାଗ, ସମ୍ମାନିତ ଅତିଥି ଅବସରପ୍ରାପ୍ତ କର୍ମଚାରୀ ଉପେନ୍ଦ୍ର ଛତ୍ରିଆ, ସରକାରୀ ଓକିଲ ସତ୍ୟନାରାୟଣ ରାଏ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିନରେ ୩ ଟି ମ୍ୟାଚ ହୋଇଥିଲା। ବଲାଙ୍ଗିର ସାନ (ଭି) ଓ କଣ୍ଟାବାଞ୍ଜି ହେପି କ୍ଲବ ମଧ୍ୟରେ ପ୍ରଥମ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ବଲାଙ୍ଗିର ସାନ (ଭି) ବିଜୟୀ ହୋଇଛି। ଟିଟିଲାଗଡ଼ ଓ କଣ୍ଟାବାଞ୍ଜି ଶେଖର ଇଲେଭେନ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ କଣ୍ଟାବାଞ୍ଜି ଶେଖର ଇଲେଭେନ ବିଜୟ ହୋଇଛି। ତୃତୀୟ ମ୍ୟାଚ ବଲାଙ୍ଗିର ସାନ (ଭି) ସହ କଣ୍ଟାବାଞ୍ଜି ଶେଖର ଇଲେଭେନ ମଧ୍ୟରେ



ଅନୁଷ୍ଠିତ ହୋଇଥିଲା। ସେଥିରେ ବଲାଙ୍ଗିର ସାନ (ଭି) ବିଜୟୀ ହୋଇଛି। ଲିଲୁ ବାଗ, ଟୁନା ଦୀପ, ବୋ ପନିକା, ମୋହନ ହାତି, ଟିଟୁ ରାଏ, ମୁକେଶ ମେହେର, ଟୁନୁ ବାଗ, ତୁଷାର ମାଝୀ, ରବୀନ ମାଝୀ, ବଡ଼ ବଏ, କାନ୍‌ହା ଭୋଇ, ସୁରୁବାବୁ ବାଗ, ବିଭୂତି ବାଗ, ସୁରୁବାବୁ ନାଗ, ତୁସୁ ରାଏ, ମୁକୁନ୍ଦ ନାଗ, ପଦୁ ପନିକା, ଭୀମ ତାଣ୍ଡି, ସାନୁ ସୁନା, ବୁଠି ନାଗ, ସାନ ବଏ, ବାପି ବାଗ, ପ୍ରତାପ ନାଗ, ଅମିତ ରାଏ, ଛୋଟୁ ନାଗ, ବିକି ରାଏ, ଅମିତ ସାହୁ, ପିଣ୍ଟୁ ବାରିକ, ମୋହିତ ତାଣ୍ଡି, ଭରତ ଛତ୍ରିଆ, ଇଲୁ ନାଗ, କୈଳାଶ ତାଣ୍ଡି, କାହ୍ନୁ ବିଭାର, ରତନ ବେହେରା, ଗୋବିନ୍ଦ ବିଭାର, କୈଳାଶ ସୁନା ପ୍ରମୁଖ ସହଯୋଗ କରିଥିଲେ।



# ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାଷା, ସାହିତ୍ୟ, ସୃଜନଶୀଳ ଉତ୍ସବ

ନୂଆପଡ଼ା, ୨୦।୧(ସମିସ): ସ୍ଥାନୀୟ କାଣା ଭର୍ଏଁରା ଟାନୱାଟ ହାଇସ୍କୁଲରେ ମୋ ସ୍କୁଲ ଅଭିଯାନ ଆନୁକୂଲ୍ୟରେ ଓଡିଆ ଭାଷା, ସାହିତ୍ୟ ଏବଂ ସୃଜନ ଶୀଳ ଉତ୍ସବ



ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିନୋଦ ବିହାରୀ ପାଢ଼ୀ ସଭାପତିତ୍ୱ କରିଥିବାବେଳେ ଟାନୱାଟ ସରପଞ୍ଚ ଜୟରାମ ସତନାମୀ ମୁଖ୍ୟ ଅତିଥି, ସମିତି ସଭ୍ୟା ରେଖା ଜାଲ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିହାରୀଲାଲ ବିଶ୍ୱାଲ, କାର୍ଯ୍ୟ ନିର୍ବାହୀ ଅଧିକାରୀ ପବିତ୍ର ମୋହନ ସାହୁ, ଗଣେଶରାମ ସାହୁ, କଳାକାର ସଂଘ ସମ୍ପାଦକ ବଳରାମ ସୋନୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମିନତୀ ଶବର, ଆରତୀ ଯାଦବ, କବିତା ଦୁରିଆ, କୌଶଲୀ ସକାଶେ, ପ୍ରତୀକ ଦାସ, ମୋନିକା ସାହୁ, ମାନସ ମହାନନ୍ଦ, ପ୍ରଜ୍ଞା ସାହୁ, ତୁଳସୀ ସାହୁ, ମଲ୍ଲିକା ଶବର, ସାହିତ୍ୟ ସୃଜନୀରେ ପ୍ରିୟଙ୍କା ଅଘରିଆ, ଜଗମତି ଶବର, ଶ୍ରୁତି ଶବରଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ମହେଶରାମ ପଟେଲ, ଦେଓ ସିଂ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ ।

ନୂଆପଡ଼ା ଜିଲ୍ଲା ମେଣ୍ଟାଟାଲ ବିଦ୍ୟାଳୟରେ ଭାଷା ସାହିତ୍ୟ ସୃଜନଶୀଳତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରେମାନନ୍ଦ ସେଠ୍, ଅଭିଳାଷ ଶବର ଓ ଯୋଗିତା ମାଝୀ, ସୁଗୁନି ସତନାମୀ ଓ ଭରତ ପଧାନ ପ୍ରମୁଖ ଉପସ୍ଥିତ ଥିଲେ । ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଅବନୀରଞ୍ଜନ ଯୋଶୀ, ଏସ୍ଏମ୍ସି ସଭାନେତ୍ରୀ ଯଶୋବନ୍ତୀ ବାଗ, ୱାର୍ଡମେମ୍ବର ବିମଳା ବାଗ, ସନ୍ତୋଷ ବାଗ, ଅଜୟ ଗହୀର, ଜୟମତି ଠାକୁର, ଯଶୋବନ୍ତ ନାଗେଶ, ଶୋଭାକର ପଧନ, ପୁରୋହିତ ସୁନାନି,




କିରଣ ସିଂହଦେଓ ପ୍ରମୁଖ ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷକ କ୍ଷେମ ଦାସଙ୍କ ତତ୍ତ୍ୱାବଧାନରେ ଜଗବନ୍ଧୁ ବଡ ମଞ୍ଚ ପରିଚାଳନା କରିଥିଲେ ।

**ସିନାପାଲି:** ସିନାପାଲି ମହାବିଦ୍ୟାଳୟରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଅତିଥି ଭାବେ ବ୍ଲକ ଉପାଧକ୍ଷା ମିନା ଘିବେଲା, ମୁଖ୍ୟ ବକ୍ତା ଭାବେ ସାହିତ୍ୟିକ ପ୍ରଦ୍ୟୁମ୍ନ ସିଂହ ଚିନ୍ଦା ଓ ସମ୍ମାନିତ ଅତିଥି ଭାବେ ସ୍ତମ୍ଭକାର ବୈଷ୍ଣବ ମେହେର ଯୋଗ ଦେଇଥିଲେ । ଅଧାପିକା ସ୍ୱର୍ଣ୍ଣରାଣୀ ଦାସ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଅଧାପକ କ୍ଷେତ୍ର ମୋହନ ଦୂରିଆ ସମସ୍ତଙ୍କୁ ଧନ୍ୟବାଦ



ଦେଇଥିଲେ । ଅଧାପକ ବ୍ରଜ ମୋହନ ଧାକଡ଼, ରଜନୀକାନ୍ତ ମେହେର, ମେଘନାଦ ମେହେର, ଉଦୟନାଥ ନାୟକ, ରଶ୍ମିତା ନନ୍ଦ, ପୁଷ୍ପିତା ମେହେର, ଟଙ୍କଧର ସାହୁ ପ୍ରମୁଖ ସହଯୋଗ କରିଥିଲେ ।

**କୋମନା:** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ବୁଦ୍ଧିକୋମନାସ୍ଥିତ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧକ୍ଷ ଶିତୀକଣ୍ଠ ପଣ୍ଡା ସଭାପତିତ୍ୱ କରିଥିଲେ । ଅଧାପିକା ସଂଘମିତ୍ରା ନାଏକ, ଅଧାପକ ରାଜକୁମାର ସୁନାନୀ, ପରିତୋଷ ସାହୁ, ଦୁର୍ଯ୍ୟୋଧନ ସାହୁ, ଅଭିମନ୍ୟୁ ମୁଣ୍ଡ, ଅଜୟ ପଣ୍ଡା, ଅଧାପିକା ଲତା ଦୀପ, ପ୍ରକାଶ ଚନ୍ଦ୍ର ହୋତା, ଜ୍ୟୋତିରାଜ ସିଂଦେଓ ପ୍ରମୁଖ ସହଯୋଗ କରିଥିଲେ ।




**ଖଡିଆଳ:** ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ ଉତ୍ସବକୁ ମହାବିଦ୍ୟାଳୟ କମିଟି ଅଧକ୍ଷ ଡ. ବିଶ୍ୱଜିତ ପାଢ଼ୀ ଉଦ୍‌ଘାଟନ କରିଥିଲେ । ମହାବିଦ୍ୟାଳୟର ଅଧକ୍ଷ ଡ. ତରୁଣ ପ୍ରଧାନ ସଭାପତିତ୍ୱ କରିଥିଲେ । ପ୍ରାଧାପିକା ସଙ୍ଗୀତା ନେତାମ ଅତିଥି ସ୍ୱାଗତ କରିଥିଲେ । ଯୁକ୍ତ ଦୁଇ ଅଧକ୍ଷ ପ୍ରାଧାପକ ପ୍ରଶାନ୍ତ ପଣ୍ଡା, ପ୍ରାଧାପକ ଡ. ପଦ୍ମଲୋଚନ ବର୍ମା, ପ୍ରାଧାପକ ଚନ୍ଦ୍ରଶେଖର ଚନ୍ଦ୍ରକାର ପ୍ରମୁଖ ଉପସ୍ଥିତ ଥିଲେ । 'ଓଡ଼ିଆ ସାହିତ୍ୟରେ ଜଗନ୍ନାଥ ଚେତନା' ଶୀର୍ଷକ ଆଲୋଚନାରେ ଆଲୋଚକ ଭାବରେ ମହାବିଦ୍ୟାଳୟ ପ୍ରାକ୍ତନ ଅଧକ୍ଷ ମେଜର ଡକ୍ଟର ରାମଚନ୍ଦ୍ର ମିଶ୍ର, ଓଡ଼ିଆ ବିଭାଗ ପ୍ରାକ୍ତନ ପ୍ରାଧାପକ ବିଜୟ ବାରିକ, ଶିକ୍ଷା ବିଭାଗ ପ୍ରାଧାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା ପ୍ରମୁଖ ଯୋଗ ଦେଇଥିଲେ । ଅଧାପକ ରମାକାନ୍ତ ସିଂହ ସାହାଣୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧାପିକା ସାଗରିକା ପଣ୍ଡା, ଅଧାପିକା କାଜଲ ମେହେର, ଅଧାପିକା ଦେବୀଦତ୍ତା ବେହେରା, ଛାତ୍ର କେଦାରମଣି ବାଗ ପ୍ରମୁଖ ନିବନ୍ଧ ପାଠ କରିଥିଲେ । ଅଧାପକ ହରିବନ୍ଧୁ ହଂସ, ଅଧାପକ ଚୈତନ୍ୟ ମହାନ୍ତିଙ୍କ ସମେତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଶେଷରେ ଅଧାପକ ଡ. ସୁରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।



**ବୋଡେନ:** ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟରେ ବିଳଉଛ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପରିପ୍ରେକ୍ଷୀରେ 'ନୂଆ-ଓ' ଓଡିଆ ସାହିତ୍ୟ ସମ୍ପର୍କିତ ଓଡ଼ିଶା ଭାଷାର ଉତ୍ପତ୍ତି ଓ କ୍ରମବିକାଶ ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଅଧକ୍ଷ ଅବନୀ ଖମାରୀଙ୍କ ଅଧକ୍ଷତାରେ ଓ ନୋଡାଲ ଅଫିସର ଡ କିଶୋର କର୍ଣ୍ଣଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟ (କୋମନ)ର ଓଡିଆ ଅଧାପିକା ନଳିନୀ କାନ୍ତି ସା, ଅଧାପିକା ପ୍ରିୟଙ୍କା ମେହେର ଓ ଜାନ୍ ଜିଲ୍ଲା ସମ୍ପାଦକ ସୁଶାନ୍ତ ପାଣିଗ୍ରାହୀ, ଅଧାପିକା ବିଜେତା ଚାଉଳିଆ ପ୍ରମୁଖ ମଞ୍ଚାସୀନ ଥିଲେ । ଆଲୋଚନା ଚକ୍ରରେ+୩ ଶେଷ ବର୍ଷ ଓଡିଆ ସମ୍ମାନର ଛାତ୍ରଛାତ୍ରୀ ତ୍ରିବେଣୀ ମାଝୀ, ବାଲମତୀ ମାଝୀ ଓ ସନ୍ତୋଷ ବାଗ ସ୍ୱଲିଖିତ ପ୍ରବନ୍ଧ ପାଠ କରିଥିଲେ । ଦ୍ୱିତୀୟ ଅଧିବେଶନରେ ବସନ୍ତ ନାୟକଙ୍କ ନିର୍ଦ୍ଦେଶିତ ଓଡିଆ ଚଳଚ୍ଚିତ୍ର ଶ୍ରୀ ଜଗନ୍ନାଥ ପ୍ରଦର୍ଶନ କରାଯାଇଥିଲା । ଏଥିରେ ଛାତ୍ର ଛାତ୍ରୀ ତଥା ମହାବିଦ୍ୟାଳୟର କର୍ମଚାରୀ ପ୍ରମୁଖ ଯୋଗଦାନ କରିଥିଲେ ।

**ସିନାପାଲି:** ମହଗାଁ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କବିତା ଆବୃତ୍ତି, ଗଳ୍ପ ପଠନ, ପୁସ୍ତକ ସମୀକ୍ଷା ଓ ଆଲୋଚନା ଚକ୍ର




ଅନୁଷ୍ଠିତ ହେଇଥିଲା । ପ୍ରଧାନ ଶିକ୍ଷକ ରବୀନ୍ଦ୍ରନାଥ ଯୋଷୀ ସଭାପତିତ୍ୱ କରିଥଲେ । ପରିଚାଳନା କମିଟି ସଭାପତି ଜଗଦୀଶ ଚନ୍ଦ୍ର ସା, କମିଟି ପ୍ରତିଷ୍ଠାତା ସମ୍ପାଦକ ରାମେଶ୍ୱର ନାଏକ, ରାଜୀବ ଲୋଚନ ସା, ଅବସରପ୍ରାପ୍ତ ଶିକ୍ଷକ ରୁଦ୍ରମାଧବ ବୈଠାରୁ, ଡମ୍ବରୁଧର ପଟେଲ, ଦୁର୍ଯ୍ୟୋଧନ ବୈଠାରୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବରିଷ୍ଠ ଶିକ୍ଷକ ବିବେକାନନ୍ଦ ଭୋଇ ବୈଠକରେ ସଂଯୋଜନା କରିଥିଲେ । ସୀମାଶ୍ରୀ ମହାପାତ୍ର, ସନ୍ତୋଷ ମେହେର, କାର୍ତ୍ତିକେଶ୍ୱର



ବୈଠାରୁ, ରମେଶଚନ୍ଦ୍ର ସା, ଶଙ୍କର ସାହୁ, ଗୌରହରି ମାଝୀ, ମହେଶ୍ୱର ସା, ବାସୁଦେବ ବିଶି, ଗୁଣନିଧି ମୁଣ୍ଡ ପ୍ରମୁଖ ଏହି କାର୍ଯ୍ୟକ୍ରମ ଆୟୋଜନ କରିବାରେ ନେତୃତ୍ୱ ନେଇଥିଲେ ।

# ବ୍ରଜକାପ୍ତା ଉଦ୍ଧାର ଘଟଣାରେ ଶିକ୍ଷକ ଗିରଫ

ସିନାପାଲି, ୨୦।୧(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସୀମାନ୍ତ ନଙ୍ଗଲବୋର୍ଡ ଅଞ୍ଚଳରୁ ବଜ୍ରକପ୍ତା ଜବତ ଘଟଣାରେ ଜଣେ ଶିକ୍ଷକ ଗିରଫ ହୋଇଛନ୍ତି । ସେ ହେଲେ ଘାଟମାଲ ପ୍ରାଇମେରୀ ସ୍କୁଲ ଶିକ୍ଷକ ଦିନେଶ ମାଝି ।

- ୨ ମୋବାଇଲ, ୨ ବାଇକ୍ ସହ ବ୍ରଜକାପ୍ତା କାତି ଜବତ
- ଶିକ୍ଷକଙ୍କ ଭାଇ ମଧ୍ୟ ଗିରଫ



ସେହିଭଳି ତାଙ୍କ ଭାଇ ତ୍ରୁପଣ ମାଝି ମଧ୍ୟ ଗିରଫ ହୋଇଛି । ଏମାନଙ୍କଠୁ ବନ ବିଭାଗ ୧୨ କେଜି ୩ଶହଗ୍ରାମର ଏକ ବ୍ରଜକାପ୍ତା ଉଦ୍ଧାର କରଛି । ସେହିଭଳି ୨ କେଜି ୭ଶହ ଗ୍ରାମ ଓଜନର ବ୍ରଜକାପ୍ତା କାତି, ଏକ ସ୍ମାର୍ଟ ମୋବାଇଲ, ଏକ ଜିଓ କିପ୍ୟାଡ୍ ମୋବାଇଲ ଓ ୨ଟି ବାଇକ୍ ଜବତ କରିଛି । ଫରେଷ୍ଟ ଗାର୍ଡ ଚୂଡାନାଥ ସରାଫ, ଉପେନ୍ଦ୍ର ମହାହୁତି, ମନୋଜ ବାଗ, ସୁଜାତା ବଡମାଲି, ଖୁଲେଶ୍ୱରି ମାଝିଙ୍କ ସମେତ ଉଭୟ ଓଡ଼ିଶା ଓ ଛତିଶଗଡ଼ର ବନ କର୍ମଚାରୀ ଚଢଉ କରି ଏମାନଙ୍କୁ ଧରିଥିଲେ ।

# 'ଝ-ଟି' ଅଧକ୍ଷଙ୍କୁ ଭେଟିଲେ ମେହେର ସମାଜ ପ୍ରତିନିଧି

## ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧବାର୍ଷିକୀ ଓ ମହାସଭାରେ ଯୋଗ ଦେବାକୁ ନିମନ୍ତ୍ରଣ

ସିନାପାଲି, ୨୦।୧(ସମିସ): ଭୁବନେଶ୍ୱରରେ ନିଖିଳ ଓଡ଼ିଶା ମେହେର (ଭୁଲିଆ) ସମାଜର ଏକ ପ୍ରତିନିଧ ଦଳ 'ଝ-ଟି' ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟିଛନ୍ତି । ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ଓ ମେହେର ମହାସଭାରେ ଯୋଗଦେବାକୁ ଏହି ପ୍ରତିନିଧି ମଣ୍ଡଳି ଉଭୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ 'ଝ-ଟି' ଅଧକ୍ଷଙ୍କୁ ନିମନ୍ତ୍ରଣ କରିଛନ୍ତି । ଏହି ଅବସରରେ ଗଙ୍ଗାଧରଙ୍କ ସ୍ମୃତିରେ ବରପାଲରେ ନିର୍ମାଣାଧୀନ କାର୍ଯ୍ୟ ବିଷୟରେ ଶ୍ରୀ ପାଣ୍ଡିଆନ ଏହି ପ୍ରତିନିଧି ଦଳକୁ ପଚାରି ବୁଝିଛନ୍ତି । ସେହିଭଳି ଭୁବନେଶ୍ୱରରେ ୩ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଗଙ୍ଗାଧର ଭବନର ଭୂମିପୂଜା ଉତ୍ସବ ଚଳିତ ମାସରେ କରାଯିବ । ତେଣୁ ଏହି ଉତ୍ସବରେ ବହୁ ସଂଖ୍ୟାରେ ସମାଜର ପ୍ରତିନିଧି ଯୋଗ ଦେବାକୁ ଅନୁରୋଧ କରିଥିଲେ । ଏହି ସାକ୍ଷାତ ବେଳେ ଗଙ୍ଗାଧର ମେହେରଙ୍କ ଏକ ଫଟୋ, ଗ୍ରନ୍ଥାବଳୀ ଓ ଉପଢ଼ୌକନ ଦେଇ ମେହେର ସମାଜ ତରଫରୁ ଶ୍ରୀ ପାଣ୍ଡିଆନଙ୍କୁ ସମ୍ମାନିତ କରାଯାଇଥିଲା । ନିଖିଳ ଓଡ଼ିଶା ମେହେର (ଭୁଲିଆ) ସମାଜର ସଭାପତି ବୈଶମ୍ପାୟନ ମେହେରଙ୍କ ସହ ପାଟଣାଗଡ଼ ବିଧାୟକ ସରୋଜ ମେହେର, ଭୁବନେଶ୍ୱର ସଭାପତି ମିହିର ମେହେର, ଉପସଭାପତି ଅଶୋକ ମେହେର, ବରପାଲି ସଭାପତି ମହେନ୍ଦ୍ର ମେହେର, ଉପସଭାପତି ପ୍ରସନ୍ନ ମେହେର ପ୍ରମୁଖ ଉପସ୍ଥିତ ଥିଲେ ।



# ଘଟବାହାଳୀରେ ଗାୟତ୍ରୀ ଭୂମିପୂଜା

କେସିଙ୍ଗା, ୨୦।୧(ସମିସ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ଅନ୍ତର୍ଗତ ଚହଗାଁ ପଞ୍ଚାୟତ ଅଧୀନ ଘଟବାହାଳୀ ଗ୍ରାମର ଗାୟତ୍ରୀ ପରିବାର ଧର୍ମୁ ନାଏକ ଓ ଭାଗ୍ୟବନ୍ତି ନାଏକଙ୍କ ଅଧକ୍ଷତାରେ ୨୪ କୁଣ୍ଡି ଗାୟତ୍ରୀ କଳସ ଆରମ୍ଭ ହୋଇଥିଲା । ପ୍ରଶାନ୍ତ ସେଟ, କେତନ ବାରିକ, ତପନ ସାହୁ, ହୃଷି ବାଗ, ବିଜୟ ବାଗ, କୃତିବାସ ବାଗ, ପ୍ରହ୍ଲାଦ ବାଗ ପ୍ରମୁଖ ଉପସ୍ଥିତ ଥିଲେ ।

# ୩୩ ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ



ନୂଆପଡ଼ା/କୋମନା, ୨୦।୧(ସମିସ): ରାଜ୍ୟ ସରକାର ନୂଆପଡ଼ା ଭଳି ଉପାନ୍ତ ଜିଲ୍ଲାରେ ଉଚ୍ଚ ଶିକ୍ଷାର ବିକାଶ ପାଇଁ ରୂପାନ୍ତରୀକରଣ ପ୍ରକିୟାରେ ବହୁ ପୁରୁଣା ହାଇସ୍କୁଲ ଗୁଡ଼ିକୁ ସାମିଲ କରଛନ୍ତି । ବର୍ତ୍ତମାନ ନୂଆପଡ଼ା ଜିଲ୍ଲାର ୫ଟି ବ୍ଲକର ୩୩ଟି ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ ହୋଇଛି । ଶନିବାର ସନ୍ଧ୍ୟାରେ କୋମନା ବ୍ଲକ ତରବୋଡ଼ ରାଜିବ ଗାନ୍ଧୀ ମିନି ଷ୍ଟାଡିୟମରେ ଆୟୋଜିତ ଲୋକାର୍ପଣ ଉତ୍ସବରେ ଭିଡିଓ କନଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ 'ଝ-ଟି'ତଥା 'ଆମ ଓଡ଼ିଶା ନବୀନ ଓଡ଼ିଶା' ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ଲୋକାର୍ପଣ କରିଛନ୍ତି । ଏହି ଅବସରରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧକ୍ଷତାରେ ଆୟୋଜିତ ଲୋକାର୍ପଣ ଉତ୍ସବରେ କଳାହାଣ୍ଡି ଲୋକସଭା ସାଂସଦ ବସନ୍ତ ପଣ୍ଡା ମୁଖ୍ୟ ଅତିଥି, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଭଗତରାମ ମାଝି, ଜିଲ୍ଲା ପରିଷଦ ଅଧକ୍ଷା ଡଲି ମାଝି ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ପୂର୍ବରୁ ୩ଟି ପର୍ଯ୍ୟାୟରେ ଜିଲ୍ଲାର ୧୧୦ଟି ରୂପାନ୍ତରିତ ହାଇସ୍କୁଲ ଲୋକର୍ପଣ ହୋଇଛି ।

ଏଥିରେ ନୂଆପଡ଼ା ବ୍ଲକରେ ୭ଟି, କୋମନା ବ୍ଲକରେ ୪ଟି, ଖଡ଼ିଆଳ ବ୍ଲକରେ ୧୨ଟି, ବୋଡେନ ବ୍ଲକରେ ୨ଟି ଓ ସିନାପାଲି ବ୍ଲକରେ ୮ଟି ହାଇସ୍କୁଲ ରୂପାନ୍ତରିତ ହୋଇଛି । ଏହି ଅବସରରେ ତରବୋଡ ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ପ୍ରୟଦର୍ଶନୀ ତାଣ୍ଡି ମୁଖ୍ୟମନ୍ତ୍ରୀ ଓ 'ଝ-ଟି' ଅଧକ୍ଷଙ୍କ ସହ ନିଜ ଅନୁଭୂତି ବଖାଣିଥିଲେ । ବିଧାୟକ ପ୍ରତିନିଧି ଜୟ ଢୋଲକିଆ, ଜିଲ୍ଲା ପରିଷଦ ଉପାଧକ୍ଷା ଦୀପିକା ଦୀପ, 'ଆମ ଓଡ଼ିଶା ନବୀନ ଓଡ଼ିଶା ଜିଲ୍ଲା ସଂଯୋଜକ ରାମଲାଲ ହଂସ, ଜିଲ୍ଲା ପରିଷଦ ସଭ୍ୟ ଭାନୁପ୍ରତାପସିଂ ମାଝି, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ କାର୍ତିକ ଦୀପ, ଅବନୀ ରଞ୍ଜନ ଯୋଶୀ, ମୁରଲୀଧର ଭୋଇ, ଭରତଲାଲ ରାଉତ, ମାଲ୍ୟବନ୍ତ ସୁନା, କୋମନା ବ୍ଲକ ଅଧକ୍ଷା ଅନୁଶୟା କୁମ୍ଭାର, ଉପାଧକ୍ଷ ଜୟଦେବ ପ୍ରଧାନ, ଖଡ଼ିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

# ଆଧ୍ୟାତ୍ମିକ ଚେତନାକୁ ପୁନର୍ଜୀବିତ କରିଛି 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ'

ସିନାପାଲି, ୨୦।୧(ସମିସ): ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ସାରା ରାଜ୍ୟ ଏବେ ଜଗନ୍ନାଥ ସଂସ୍କୃତିରେ ଉତ୍ସବ ମୁଖର ହୋଇଛି । ସାରା ଓଡ଼ିଶାରେ 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ' ଆଧ୍ୟାତ୍ମିକ ଚେତନାକୁ ପୁନର୍ଜୀବିତ କରିଛି । ମହାପ୍ରଭୁ ଜଗନ୍ନାଥଙ୍କୁ ନେଇ ଭକ୍ତଙ୍କ ମଧ୍ୟରେ ପ୍ରାଚିନ କାଳରୁ ଆବେଗ ରହିଥିଲେ ହେଁ ଏବେ ଯେଉଁ ଉତ୍ସାହ ପରିଲକ୍ଷିତ ହୋଇଛି ତାହା ପୂର୍ବରୁ କେବେ ଦେଖିବାକୁ ମିଳି ନ ଥିଲା । ଏହାର ସ୍ୱଚ୍ଛ ଚିତ୍ର ଏବେ ନୂଆପଡ଼ା ଜିଲ୍ଲା ଛତିଶଗଡ଼ ସୀମାନ୍ତ ସିନାପାଲି ଅଞ୍ଚଳରେ ମଧ୍ୟ ଦେଖିବାକୁ ମିଳିଛି । ସିନାପାଲି ଅଞ୍ଚଳର ବିଭିନ୍ନ ଗ୍ରାମରେ ବହୁ କାଳରୁ ଜଗନ୍ନାଥ ମନ୍ଦିର ରହିଛି । ପ୍ରଭୁ ଜଗନ୍ନାଥଙ୍କ ପୂଜା ଅର୍ଚ୍ଚନା କରାଯାଇ ଆସୁଥିବା ବେଳେ ପରିକ୍ରମା ପ୍ରକଳ୍ପର ଶୁଭାରମ୍ଭ ଏବଂ ଏ ନେଇ ପ୍ରତି ପଞ୍ଚାୟତରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଆବେଗ ଓ ଉତ୍ସାହ ଭରି ଦେଇଛି । ଜୟ ଜଗନ୍ନାଥ ଅର୍ପଣ ରଥ ମାଧ୍ୟମରେ ସଂକୀର୍ତ୍ତନ, ସମ୍ପ୍ରଦା, ଘଣ୍ଟ ଦଳ ଭଳି ପାରମ୍ପରିକ ସାଂସ୍କୃତିକ ଦଳ ସାମିଲ ହେବା ଓ ହୁଳହୁଳି, ଜୟଜଗନ୍ନାଥ ଧ୍ୱନୀ ଏକ ସମର୍ପିତ ଭାବ ସୃଷ୍ଟି କରିଛି । ଏବେ ଜଗନ୍ନାଥ ଏକ୍ସପ୍ରେସ ନାମରେ ଯାତ୍ରୀବାହୀ ବସ୍ ପୁରୀକୁ ଯିବା ସାଧାରଣ ଭକ୍ତ ଓ ପ୍ରଭୁ ଜଗନ୍ନାଥଙ୍କ ସମ୍ପର୍କକୁ ଅଧିକ ନିକଟ କରିଛି । ତେବେ ଜଗନ୍ନାଥ ଏକ୍ସପ୍ରେସ ବସ ସିନାପାଲି ଦେଇ ଗଲେ ଏହା ସୀମାନ୍ତ ଛତିଶଗଡ଼ ଓ ଏଠିକାର ଭକ୍ତଙ୍କୁ ଶ୍ରୀକ୍ଷେତ୍ର ଯିବା ସୁଗମ ହୁଅନ୍ତା ।

### ଏମାନଙ୍କ ମତ....



ଶ୍ରୀକ୍ଷେତ୍ର ପୁରୀରେ ପରିକ୍ରମା ପ୍ରକଳ୍ପର ଶୁଭାରମ୍ଭ ଶ୍ରୀମନ୍ଦିରରେ ଜଗନ୍ନାଥ ଦର୍ଶନକୁ କେବଳ ସୁଗମ କରିନାହିଁ ବରଂ ଏହା ଦ୍ୱାରା ସମଗ୍ର ବିଶ୍ୱର ଜଗନ୍ନାଥ ଭକ୍ତଙ୍କ ମଧ୍ୟରେ ଏକ ନବ ଜଗରାଣ ଆଣିଛି । ରାଜ୍ୟର କୋଣଅନୁକୋଣରୁ ଜଗନ୍ନାଥ ଏକ୍ସପ୍ରେସ ପୁରୀକୁ ଚାଲିବା ଭକ୍ତଙ୍କ ମନରେ ଜଗନ୍ନାଥ ଚେତନାକୁ ଅଧିକ ଉଜ୍ଜୀବିତ କରି ରଖିବ । ଏହା ମାଧ୍ୟମରେ ସୀମାନ୍ତ ଅଞ୍ଚଳରୁ ମଧ୍ୟ ସୁବିଧାରେ ଯାଇ ସମସ୍ତେ ଜଗନ୍ନାଥ ଦର୍ଶନ କରିପାରିବା ନିଶ୍ଚିତ ସ୍ୱାଗତଯୋଗ୍ୟ ।

-ବୈଷ୍ଣବ ମେହେର (ସଂସ୍କୃତି ପ୍ରେମୀ, ସିନାପାଲି)



ପୁରୀ ପରିକ୍ରମା ପ୍ରକଳ୍ପକୁ ନେଇ ସାରା ରାଜ୍ୟ ଏବେ ଉତ୍ସବ ମୁଖର । ଏହା ନିଶ୍ଚିତ ପକ୍ଷେ ଓଡ଼ିଶାର ଆଧ୍ୟାତ୍ମିକ କ୍ଷେତ୍ରରେ ଏକ ନବ ଚେତନାର ଅଧ୍ୟାୟ ସୃଷ୍ଟି କରିଛି । କେବଳ ବୟସ୍କ ନୁହନ୍ତି; ଗାଁ ଗାଁରେ ହୋଇଥିବା ଏହି ଉତ୍ସବରେ ଯୁବ ସମାଜ ସାମିଲ ହେବା ଆଗାମୀ ସମୟ ପାଇଁ ଶୁଭଙ୍କର ବାର୍ତ୍ତା ବହନ କରୁଛି ।

-ଉଦିତ ନାରାୟଣ ଖର୍ସେଲ (କରଣବାହାଲି ସରପଞ୍ଚ)



ପୁରୀ ପରିକ୍ରମା ପ୍ରକଳ୍ପ ଏକ ଐତିହାସିକ ପଦକ୍ଷେପ । ଏହି ପରିକ୍ରମା ସାରା ଜଗତର ମୁକ୍ତି, ଶାନ୍ତିର ପ୍ରେରଣା ଦେଇଛି; ଯାହା ଜଗନ୍ନାଥ ପ୍ରେମୀଙ୍କ ସହିତ ସଂସ୍କୃତି ପ୍ରେମୀମାନଙ୍କ ମହା ମିଳନ ଘଟିଛି ।

ରମେଶ ଚନ୍ଦ୍ର ଖର୍ସେଲ (ବରିଷ୍ଠ ଶିକ୍ଷାବିତ)



ପୁରୀର ପ୍ରକଳ୍ପ ପରିକ୍ରମା ଏକ ଅମୃତମଣୋହୀ କାର୍ଯ୍ୟକ୍ରମ । ଏଭଳି କାର୍ଯ୍ୟକ୍ରମ ଦେଖି ଅତ୍ୟନ୍ତ ଆମ୍ ବିଭୋର ହୋଇଯାଇଛି । ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅପାର କରୁଣା ମିଳିଛି । ଏଭଳି କାର୍ଯ୍ୟକ୍ରମ ପାଇଁ ରାଜ୍ୟ ସରକାର ଓ 'ଝ- ଟି' ଅଧକ୍ଷଙ୍କୁ ଅନେକ ଅନେକ ଅଭିନନ୍ଦନ ଓ ସାଧୁବାଦ ।

ବୈଶାଖୀ ନାୟକ (ଜଗନ୍ନାଥ ପ୍ରେମୀ,

■ ଚେନ୍ନାଇରେ ଶ୍ରମିକଙ୍କ ମୃତ୍ୟୁ

# ମୃତଦେହ ଗାଁକୁ ଆଣିବାକୁ ପ୍ରଶାସନର ଦ୍ୱାରସ୍ଥ

**ଜୟପାଟଣା, ୨୦।୧(ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ଅଞ୍ଚଳରେ ଇନ୍ଦ୍ରାବତୀ ଜଳ ସେଚନ ପ୍ରକଳ୍ପର ବାମ, ଡାହାଣ ଓ ଉଠା ଜଳସେଚନ କେନାଲ ଯୋଗେ ଜଳ ସେଚନ ସୁବିଧା ଉପଲବ୍ଧ ଥିବା ବେଳେ ଜିଲ୍ଲାର ଏକ ଲକ୍ଷରୁ ଊର୍ଦ୍ଧ୍ୱ ହେକ୍ଟର ଚାଷଜମିରେ ଜଳ ସେଚନ ହେଉଛି। ଏଠାକାର ଚାଷୀ ବର୍ଷକୁ ଦୁଇଥର ଚାଷ କରି ବେଶ ଲାଭବାନ ହେବା ସହ ଶ୍ରମିକମାନଙ୍କ ପାଇଁ ମଧ୍ୟ ବର୍ଷସାରା କାମ ରହିଛି। କିନ୍ତୁ ଏଠାକାର ଲୋକେ ଚାଷ ଜମିରେ କାମ କରିବା ପାଇଁ ମୁହଁ ମୋଡୁଛନ୍ତି। କେହି ବାହାର ରାଜ୍ୟକୁ ଦାଦନ ଖଟିବା ପାଇଁ ଯିବାକୁ ଇଚ୍ଛା ପ୍ରକାଶ କରୁଥିବା ବେଳେ ଶ୍ରମିକ ନ ପାଇ ଚାଷୀ ହନ୍ତସନ୍ତ ହେଉଛନ୍ତି। ଅନ୍ୟପକ୍ଷରେ ବର୍ଷକରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଶବ ହୋଇ ସିନା ଗାଁକୁ ଫେରୁଛନ୍ତି କିନ୍ତୁ ବାହାର ରାଜ୍ୟକୁ ଯିବା ପାଇଁ ଇଚ୍ଛା ଛାଡୁନାହାନ୍ତି। ଜୟପାଟଣା ବ୍ଲକରେ ବିଗତ ଦିନରେ ଶ୍ରମିକଙ୍କ ମୃତଦେହ ଗାଁକୁ ଫେରିଥିବା ବେଳେ ନିକଟରେ ଆଉ ଏକ ଶ୍ରମିକଙ୍କ ବାହାର ରାଜ୍ୟରେ ମୃତ୍ୟୁ ହୋଇଛି। ଜୟପାଟଣା ଥାନା ଅନ୍ତର୍ଗତ ମାଲଗୁଡା ଗ୍ରାମର ଶୋଭା ଭଇଁସାଲଙ୍କ ଏକମାତ୍ର ପୁଅ ଉମା ଭଇଁସାଲ (୨୯)ଆଜକୁ ଏକବର୍ଷ ହେବ ଚେନ୍ନାଇକୁ ଦାଦନ ଶ୍ରମିକ ଭାବେ କୁଲି ମଜୁରୀ କରିବାକୁ ଯାଇଥିଲେ। ସେଠାରେ ସେ ଅସୁସ୍ଥ ହୋଇ ମୃତ୍ୟୁ ଘଟିଥିବା ଖବର ସାମ୍ନାକୁ ଆସିଥିଲା। ଆଜିକୁ ଦଶ ଦିନ ବିତିଯାଇଥିଲେ ମଧ୍ୟ ଚେନ୍ନାଇରେ ମୃତଶରୀର ପଡ଼ିରହିଥିବା ଅଭିଯୋଗ କରିଛନ୍ତି ପୁଅର ମା ଓ ବାପା। ମୃତ ବ୍ୟକ୍ତିଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ସେ ଚେନେଇରୁ ପୁଅଙ୍କ ଶବ ଆଣିବାକୁ ଅସମର୍ଥ ଅଟନ୍ତି। ସେନେଇ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହେଇଛନ୍ତି। ଏହି ବାବଦକୁ ବ୍ଲକ ଭାରପ୍ରାପ୍ତ ଅଧିକାରୀଙ୍କୁ ସେ ଏବିଷୟରେ ପରିବାରକୁ ଅବଗତ କରାଇଛନ୍ତି।

ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ଭିତ୍ତିପ୍ରସ୍ତର କଲେ ମୁଖ୍ୟମନ୍ତ୍ରୀ

# ଉପକୃତ ହେବେ ୪୧ ଗାଁର ଚାଷୀ

**କେସିଙ୍ଗା, ୨୦।୧(ସମିସ)**

ଓଡ଼ିଶା ସରକାରଙ୍କ ଦ୍ୱାରା ଶନିବାର ୧୩ଟି ଜିଲ୍ଲା ସର୍ବମୋଟ ୪୬୦୦କୋଟି ଟଙ୍କା ବ୍ୟୟରେ ୧୯ ଟି ଅନ୍ତଃନଦୀ ଜଳାଶୟ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଭିଡିଓ କନଫରେନ୍ସ ଜରିଆରେ ଉଦ୍‌ଘାଟନ କରିଥିଲେ। ୧୯ଟି ପ୍ରକଳ୍ପରୁ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ କଳାହାଣ୍ଡି ଓ ବଲାଙ୍ଗିର ଜିଲ୍ଲା ସୀମାରେ ଥିବା ଅମାଠର ତେଲ ନଦୀଠାରେ ୫୦୫.୯୭ କୋଟି ଟଙ୍କା ବ୍ୟୟରେ ମାତ୍ର ତିନି ବର୍ଷ ମଧ୍ୟରେ ନିର୍ମାଣ ହେବ ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ। ଏହି ପ୍ରକଳ୍ପ ମାଧ୍ୟମରେ କେସିଙ୍ଗା, ସଇତାଲା ଓ ଟିଟିଲାଗଡ଼ ବ୍ଲକର ୪୧ ଗ୍ରାମର ପ୍ରାୟ ୩୯୦୦୦ ଲୋକ ପାଇବାପାଣି ସହିତ ଖରାଦିନ ଅର୍ଥକାରୀ ଫସଲ କରୁଥିବା ଚାଷୀ ଓ ମାଛଚାଷୀ ମାନଙ୍କୁ ପାଣିର ଅଭାବ ରହିବ ନାହିଁ। ଫଳରେ ଉତ୍କୃଷ୍ଟ ହେବ ଗ୍ରାମାଞ୍ଚଳ, ଶସକ୍ତ ହେବେ ଗ୍ରାମାଞ୍ଚଳ ଚାଷୀ। କେସିଙ୍ଗା ବ୍ଲକର ପ୍ରାୟ ୨୧ ଖଣ୍ଡ ଗ୍ରାମର ଜୀବନ ଜୀବିକାରେ ପଡ଼ିବ ସୁପ୍ରଭାବ।

ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା ତଥା ନର୍ଲା ବିଧାୟକ ଭୂପିନ୍ଦର ସିଂ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ ଭିକେ ପାଣ୍ଡିଆନଙ୍କୁ ପ୍ରଶଂସା କରିôତଲେ। ଭିଡିଓ କନଫରେନ୍ସ ମାଧ୍ୟମରେ ଲୀମ ଗାଆଁ ଚାଷୀ ପାନାଲାଲ ବେମାଲ ପ୍ରକଳ୍ପ ଦ୍ୱାରା ଚାଷୀ ମାନଙ୍କ କ'ଣ ସବୁ ଉନ୍ନତି ହେବ ସେହି ବିଷୟ ଉପରେ ନିଜର ସୁବିଚାର ମୁଖ୍ୟମନ୍ତ୍ରୀଙ୍କ ଆଗରେ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ୍, ଜିଲ୍ଲାପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ସଦସ୍ୟ ଅଭିନାଶ ଠାକୁର, କେସିଙ୍ଗା ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ, କେସିଙ୍ଗା ବିଡିଓ ପଦ୍ମନାଭ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।






## ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର

**କଲମପୁର, ୨୦।୧ (ସମିସ):** କଲମପୁର ଜୁନାଗଡ଼ ମୁଖ୍ୟରାସ୍ତାର କଦଳୀଚୁଆଁ ନିକଟରେ ବାଇକ୍ ଚାଳକ ଭାରସାମ୍ୟ ହରାଇ ପଡ଼ିଯିବାରୁ ଗୁରୁତର ହୋଇଥିବା ଜଣାପଡ଼ିଛି। ତାଙ୍କୁ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଡାକ୍ତର ମୃତ୍ୟୁଞ୍ଜୟ ମହାନ୍ତି ପ୍ରାଥମିକ ଚିକିତ୍ସା କରିଥିବା ବେଳେ ବାଇକ୍ ଚାଳକଙ୍କ ପରିଚୟ ମିଳିନାହିଁ।

## ନବୋଦୟ ପରୀକ୍ଷା ଦେଲେ ୪୧୮ ବିଦ୍ୟାର୍ଥୀ

**କୋକସରା, ୨୦।୧(ସମିସ) :** ନବୋଦୟ ପ୍ରବେଶିକା ପରୀକ୍ଷା ନିମନ୍ତେ ଶନିବାର କୋକସରା ବ୍ଲକର ଦୁଇଟି କେନ୍ଦ୍ରରେ ଛାତ୍ର ଛାତ୍ରୀମାନେ ପରୀକ୍ଷା ଦେଇଛନ୍ତି। ବ୍ଲକ ସଦର ମହକୁମାସ୍ଥିତ ଜବାହର ଉଚ୍ଚ ବିଦ୍ୟାପୀଠରେ ୨୮୮ ମଧ୍ୟରୁ ୨୫୯ ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିବାବେଳେ ୨୯ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିଲେ। ସେହିପରି ଡଙ୍ଗରୀଗୁଡ଼ା ସରକାରୀ ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟରେ ୧୭୯ ମଧ୍ୟରୁ ୧୫୯ ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିବାବେଳେ ୨୦ ଜଣ ଅନୁପସ୍ଥିତ ରହିଥିଲେ। ତେବେ ସମୁଦାୟ ୪୬୭ ମଧ୍ୟରେ ୪୧୮ ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇଛନ୍ତି। ଦୁଇଟି କେନ୍ଦ୍ରରେ ୪୯ ଜଣ ବିଦ୍ୟାର୍ଥୀ ଅନୁପସ୍ଥିତ ରହିଥିବା ଉଭୟ କେନ୍ଦ୍ର ପରିଚାଳକ ପକ୍ଷରୁ ସୂଚନା ମିଳିଛି।

## ଆଦିବାସୀ ସଂସ୍କୃତି ଗବେଷକ ମେଦିନୀଧର ଜାନୀଙ୍କୁ ଶ୍ରଦ୍ଧାଞ୍ଜଳି

**ନର୍ଲା, ୨୦।୧(ସମିସ):** ନର୍ଲା ବ୍ଲକ ଯୋଡ଼ାବନ୍ଧ ଗ୍ରାମର ମେଦିନୀଧର ଜାନୀ ଜଣେ ଆଦିବାସୀ ସଂସ୍କୃତି ଗବେଷକ ଭାବରେ ଜିଲ୍ଲା ତଥା ରାଜ୍ୟ ଓ ଜାତୀୟସ୍ତରରେ ପ୍ରତିଷ୍ଠିତ ବ୍ୟକ୍ତି। ଆଦିବାସୀ ସଂସ୍କୃତି ପ୍ରତି ଗଭୀର ଅନୁଧ୍ୟାନ ଓ ଗବେଷଣା ଯୋଗୁଁ ଗତ ୨୦୨୨ ରେ ଜାତୀୟ ଜନଜାତି ଆୟୋଗ ରାଜ୍ୟ ସଂଯୋଜକ ମନୋନୀତ ହୋଇଥିବା ବେଳେ ୨୦୨୩ ରେ ରାଜ୍ୟ ଆଦିବାସୀ ଭାଷା ଓ ସଂସ୍କୃତି ପ୍ରତିଷ୍ଠାନର ସଭ୍ୟ ଭାବରେ ମନୋନୀତ ହୋଇଥିଲେ। ସେ ତାଙ୍କର କର୍ମମୟ ଜୀବନ ଶିକ୍ଷକତାରୁ ଆରମ୍ଭ କରିଥିଲେ। ଶନିବାର ନର୍ଲା ଗୋପବନ୍ଧୁ ସାହିତ୍ୟ ଅନୁଷ୍ଠାନ ତରଫରୁ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଯାଇଛି। ଅବସରପ୍ରାପ୍ତ ଶିକ୍ଷକ ମଧୁସୂଦନ ରାଉତଙ୍କ ଅଧ୍ୟକ୍ଷତାରେ ସମାଜସେବୀ କୁମୁଦ ନାଏକ, ପ୍ରଖ୍ୟାତ ବୈଦ୍ୟରାଜ ପବିତ୍ର ଶବର, ବରିଷ୍ଠ ସାମ୍ବାଦିକ ମନୋଜ ଷଡ଼ଙ୍ଗୀ, ଶିକ୍ଷକ ଅନୀଲ କୁମାର ସାହୁ, କନ୍ଧାନ୍ କବି କ୍ଷୀତିଷ୍ ମାଝୀ ପ୍ରମୁଖ ସେମାନଙ୍କ ବକ୍ତବ୍ୟ ପ୍ରଦାନ କରିଥିଲେ।

## ନବୋଦୟ ପ୍ରବେଶିକା ପରୀକ୍ଷା ଦେଲେ ୩୭୪ ଛାତ୍ରଛାତ୍ରୀ

**କର୍ଲାମୁଣ୍ଡା, ୨୦।୧(ସମିସ):** କର୍ଲାମୁଣ୍ଡା ବ୍ଲକର ସର୍ବପୁରାତନ ହାଇସ୍କୁଲ ରିଷିଡ଼ାସ୍ଥିତ ବାପୁଜୀ ସରକାରୀ ଉଚ୍ଚବିଦ୍ୟାଳୟ ଠାରେ ନବୋଦୟ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଛି। ଏହି ପ୍ରବେଶିକା ପରୀକ୍ଷା ଦେବାପାଇଁ ମୋଟ ୪୫୦ଜଣ ଛାତ୍ରଛାତ୍ରୀ ଆବେଦନ କରିଥିଲେ। ସେଥିମଧ୍ୟରୁ ୭୬ ଜଣ ଅନୁପସ୍ଥିତ ଥିବା ବେଳେ ୩୭୪ ଜଣ ପରୀକ୍ଷା ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଦିପ୍ତିମୟୀ ଦୋରା ଙ୍କ ତତ୍ତ୍ୱାବଧାନ ରେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ ।

## ପ୍ରାଥମିକ ଶିକ୍ଷକ ଭବନର ପ୍ରତିଷ୍ଠା ଦିବସ ପାଳିତ

**ଭବାନୀପାଟଣା, ୨୦।୧(ସମିସ):** କଳାହାଣ୍ଡି ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ୧୫ତମ ଶିକ୍ଷକ ଭବନ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ପ୍ରାଥମିକ ଶିକ୍ଷକ ସଂଘର ସଭାପତି ସୁରେନ୍ଦ୍ର ମୋହନ ଯୋଷୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ସଞ୍ଜୟ କୁମାର ଶତପଥୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ କଳାହାଣ୍ଡି ଟେମଲାଲ ଦୁବେ, କଳାହାଣ୍ଡି ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଶାନ୍ତନୁ କୁମାର ବେହେରା ଯୋଗଦେଇ ଥିଲେ। ପ୍ରଥମେ ଅତିଥିମାନେ ଶିକ୍ଷକଭବନ ପରିସରରେ ପତାକା ଉତ୍ତୋଳନକରି ପୂର୍ବତନ ରାଷ୍ଟ୍ରପତି ଡ.ଏପିଜେ.ଅବଦୁଲ୍ କଲାମଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ଧୀରେନ୍ଦ୍ର କୁମାର ପଟ୍ଟନାୟକ ଶିକ୍ଷକଭବନ ପ୍ରତିଷ୍ଠା ଦିବସ ପାଳନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅତିଥିବୃନ୍ଦ କଳାହାଣ୍ଡି ଶିକ୍ଷକ ଭବନ ମହାଜନନାୟକ ଡ. କଲାମଙ୍କ ହସ୍ତରେ ଉନ୍ମୋଚନ ହୋଇଥିବାରୁ ଏହି ଭବନର ସ୍ୱତନ୍ତ୍ର ପରିଚୟ ରହିଛି। ଶିକ୍ଷକମାନେ ଏହି ଭବନରେ ବସି ଶିକ୍ଷାର ମାନବୃଦ୍ଧି ସକାଶେ ଆଲୋଚନା କରି ଜିଲ୍ଲାର ଛାତ୍ରଛାତ୍ରୀଙ୍କୁ ଉନ୍ନତି ଶିକ୍ଷା ପ୍ରଦାନ କରିପାରିଲେ ସେ ମହାନ ପୁରୁଷ ଡ. କଲାମଙ୍କ ପ୍ରତି ଉଚିତ୍ ଶ୍ରଦ୍ଧାଞ୍ଜଳି ହେବ ବୋଲି ପ୍ରକାଶ କରିଥିଲେ। ଜିଲ୍ଲାର ୨ ଜଣ କୃତୀ ସନ୍ତାନ କେନ୍ଦ୍ରୀୟ ସାହିତ୍ୟ ଏକାଡେମି ଦ୍ୱାରା ପୁରସ୍କୃତ ଡିଲେଶ୍ୱର ରଣା ଓ କୃତି ଶିକ୍ଷକ ଅଜିତ କୁମାର ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ଉପସଭାପତି ବିରେନ୍ଦ୍ର ବାଗ, ସୁବାସ ଚନ୍ଦ୍ର ପୁରୋହିତ, ଉପସଭାନେତ୍ରୀ ଅର୍ଚ୍ଚନା ମିଶ୍ର, ସଂଗଠନ ସମ୍ପାଦକ ପଦ୍ମଲୋଚନ ନାଏକ, ସହସମ୍ପାଦକ ଉପେନ୍ଦ୍ର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପୂଝାରୀ, ଲିଙ୍ଗରାଜ ନାଏକ, ଲଳିତ କୁମାର ନାଏକ, କୋଷାଧ୍ୟକ୍ଷ ଶିବ ପ୍ରସାଦ ଦାସ ପ୍ରମୁଖ ପରିଚାଳନା କରିଥିଲେ। ଶିକ୍ଷକ ସଂଘର ସଭାପତି ସୁରେନ୍ଦ୍ର ମୋହନ ଯୋଷୀ ଶିକ୍ଷକମାନେ ଉତ୍ସବରେ ଯୋଗଦେଇଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ।




ସୂଚନା ଶିକ୍ଷା ଓ ଯୋଗାଯୋଗ ଅଭିଯାନ କର୍ମଶାଳା

## ରାଜ୍ୟ ସରକାରଙ୍କ ଉଦ୍ୟମ କଳାକାରଙ୍କ ଜୀବନରେ ଉନ୍ନତି ଆଣିବ

**କୋକସରା, ୨୦।୧(ସମିସ) :** କୋକସରା ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ସୂଚନା, ଶିକ୍ଷା ଓ ଯୋଗାଯୋଗ ଅଭିଯାନରେ ଲୋକକଳାର ପ୍ରୟୋଗକୁ ନେଇ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ବ୍ଲକସ୍ତରୀୟ କର୍ମଶାଳା ଶନିବାର ଉଦ୍‌ଯାପିତ ହୋଇଛି। କାର୍ଯ୍ୟକ୍ରମରେ ବିଶିଷ୍ଟ ଘୁମୁରା ଗୁରୁ ମହେଶ୍ୱର ସରାଫ, ଭାରପ୍ରାପ୍ତ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ବିରଞ୍ଚି ଖର୍ସେଲ ପ୍ରମୁଖ ଯୋଗଦେଇ ଥିଲେ। ରାଜ୍ୟ ସରକାରଙ୍କ ଏହି ଉଦ୍ୟମ କଳାକାରମାନଙ୍କ ଜୀବନ ଜୀବିକାରେ ଉନ୍ନତି ଆଣିବା ସହିତ ପାରମ୍ପରିକ ଲୋକକଳା ବଞ୍ଚି ରହିବା ସହ ଯୋଜନା ଗୁଡ଼ିକକୁ ଏହି ଲୋକକଳା ମାଧ୍ୟମରେ ପରିବେଷଣ କଲେ ଲୋକମାନେ ସହଜରେ ସଚେତନ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଦୁଇ ଦିନିଆ ଏହି କର୍ମଶାଳାରେ ବ୍ଲକ କଳା ସଂସ୍କୃତି ସଂଘରେ ପଞ୍ଜୀକୃତ ହୋଇଥିବା ୨୨ଗୋଟି ପଞ୍ଚାୟତରୁ କଳାକାରମାନେ ଯୋଗଦେଇ ତାଲିମ ନେଇଥିଲେ। ଏହି ଲୋକ କଳାକାର ଦଳ ଗୁଡ଼ିକ ଓଡ଼ିଶା ସରକାରଙ୍କ ୧୫ଟି ଲୋକାଭିମୁଖୀ ଯୋଜନା ବିଷୟରେ ସମସ୍ତ ଗାଁ ଗାଁ ବୁଲି ଲୋକଙ୍କୁ ସଚେତନ ବାର୍ତ୍ତା ବାଣ୍ଟିବେ। କଳାହାଣ୍ଡିର ଲୋକନୃତ୍ୟ ଘୁମୁରା, ଯାଦବ ସଂସ୍କୃତିର ମହାନ ବିଭବ ବନାବାଡି, ବଜାସାଲ, ଘୁଡୁକା, ରାହାସ, ପାଲା, ଦାସକାଠି ଭଳି ୨୦ ଗୋଟି ଦଳର ୨୫୦ରୁ ଊର୍ଦ୍ଧ୍ୱ କଳାକାର ସାମିଲ ହୋଇଥିଲେ।



## ଆଲୋକିତ ହେଲା ପିପଲଝାପର

**କୋକସରା, ୨୦।୧(ସମିସ):** କୋକସରା ବ୍ଲକ ଗୋତମୁଣ୍ଡା ପଞ୍ଚାୟତ ପିପଲଝାପର ଗ୍ରାମରେ ଲାଗିଥିବା ବିପିଏଲ ବିଦ୍ୟୁତ୍ ଟ୍ରାନ୍ସଫର୍ମର ୪ମାସ ହେଲା ପୋଡ଼ି ଯାଇଥିଲା। ଏନେଇ ଉପଭୋକ୍ତାମାନେ ବିଦ୍ୟୁତ୍ ବିଭାଗକୁ ବାରମ୍ବାର ଜଣାଇ ଥିଲେ ମଧ୍ୟ ଆଜିକାଲି କହି ଦିନ ଗଡ଼େଇ ଚାଲିଥିଲା। ଏ ବିଷୟରେ ଗତ ୧୮ ତାରିଖ ଦିନ ଦୈନିକ 'ସକାଳ'ରେ 'ପୋଡି ଯାଇଛି ଟ୍ରାନ୍ସଫର୍ମର, ୪ମାସ ହେଲା ଅନ୍ଧାରରେ ପିପଲଝାପର' ଏକ ଶୀର୍ଷକ ଲେଖା ପ୍ରକାଶିତ ହୋଇଥିଲା। ଏହାପରେ ବିଦ୍ୟୁତ୍ ବିଭାଗ ତତ୍ପରତା ଦେଖାଇଛି। ଫଳ ସ୍ୱରୂପ ଆଜି ଗାଁରେ ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ପହଞ୍ଚି ପୋଡ଼ା ଟ୍ରାନ୍ସଫର୍ମର ହଟାଇ ନୂତନ ଟ୍ରାନ୍ସଫର୍ମର ସଂଯୋଗ କରିଛନ୍ତି। ଟ୍ରାନ୍ସଫର୍ମର ସଂଯୋଗ ହେବାପରେ ଦିର୍ଘ ୪ମାସ ପରେ ଗାଁରେ ଆଲୋକିତ ହୋଇଛି।

ସକାଳ ପ୍ରଭାବ



## ରାମମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ସଜେଇ ହେଉଛି କେସିଙ୍ଗା

**କେସିଙ୍ଗା, ୨୦।୧(ସମିସ):** ୨୨ ତାରିଖ ଦିନ ଅଯୋଧ୍ୟାରେ ନବନିର୍ମିତ ପ୍ରଭୁ ଶ୍ରୀରାମଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବାକୁ ଥିବା ବେଳେ କଳାହାଣ୍ଡି ଜିଲ୍ଲା କେସିଙ୍ଗାରେ ମଧ୍ୟ ରାମଭକ୍ତ କି ଟୋଳି, ବଜରଙ୍ଗ ଦଳ ସମେତ ବିଭିନ୍ନ ରାମ ଭକ୍ତଙ୍କ ଅନୁଷ୍ଠାନ ପକ୍ଷରୁ ଜୋରଦାର ଚାଲିଛି ପ୍ରସ୍ତୁତି। ସାରା ସହରକୁ ନାରଙ୍ଗୀ ରଙ୍ଗରେ ପାଟି ଦିଆଯାଇଛି। ଆୟୋଜକମାନଙ୍କ ପକ୍ଷରୁ ସମସ୍ତ କେସିଙ୍ଗା ତଥା ଆଖ ପାଖ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ୨୨ତାରିଖ ସୋମବାର ଦିନ ଜଗନ୍ନାଥ ସ୍କୁଏର କୁ ଆସି ପ୍ରସାଦସେବନ କରିବା ପାଇଁ ଅନୁରୋଧ କରିଛନ୍ତି।

## 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା

**ଧର୍ମଗଡ଼, ୨୦।୧(ସମିସ):** ଧର୍ମଗଡ଼ ସ୍ନାତକ ମହିଳା ମହାବିଦ୍ୟାଳୟରେ ବିଶ୍ୱଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ ଓ ଜଗନ୍ନାଥ ସଂସ୍କୃତିର ପ୍ରସାର ଉଦ୍ଦେଶ୍ୟରେ ନୂଆ ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ତୃତୀୟ ଦିବସରେ ଅଧ୍ୟାପକ କାଳୀଚରଣ ଖାଡ଼ଙ୍ଗା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ। ଅଧ୍ୟକ୍ଷା ମୂର୍ତ୍ତି ମଞ୍ଜରୀ ପଣ୍ଡା ସଭାପତିତ୍ୱ କରିଥିବାବେଳେ ଅଧ୍ୟାପକ ସରୋଜ କୁମାର ମେହେର ଅତିଥି ପରିଚୟ କରିଥିଲେ ଓ ଅଧ୍ୟାପିକା ଜୟନ୍ତୀ କୁମାରୀ ମୁଦୁଲି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଭାଗବତ ପଠନ, ବ୍ୟାକରଣ ଦକ୍ଷତା, ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ରୋସନି ପଧାନ, ଡୋନା ଭୁୟାଁ, ବିଶାଖା ମାଝୀ, କୁନମୁନ, ତପସ୍ୱିନୀ ବାଗ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅଧ୍ୟାପିକା ସୁଜାତା ମହାନ୍ତି, ପଦ୍ମାଳୟା ଦଣ୍ଡସେନା, ଅର୍ଚ୍ଚନା ଗୁଛି, ଲକ୍ଷପତି ନାଏକ, ସୋଦନ ନାଏକ, ଭୁଜବଳ ବନ୍ଦିଛୋଡ଼, ହିମାଂଶୁ ସା, ଫୁଲ ହରିଜନ ପ୍ରମୁଖ ସହଯୋଗ କରିଥିଲେ।



## ବାପା-ମା'ଛେଉଣ୍ଡ ଦୁଇ ଭଉଣୀଙ୍କ ନିକଟରେ ପହଞ୍ଚିଲା ପ୍ରଶାସନ

**ଧର୍ମଗଡ଼, ୨୦।୧(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଅଧୀନ ପର୍ଲା ପଞ୍ଚାୟତ ସେମଲା ଗ୍ରାମର ବାପା ମା ଛେଉଣ୍ଡ ଦୁଇ ଅନାଥ ଝିଅଙ୍କ ପାଖରେ ପହଞ୍ଚିଲା ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ। ମା' ରୋହିଣୀ ସାହୁଙ୍କ ୩ ବର୍ଷ ତଳେ ତାଙ୍କ ଦେହାନ୍ତ ହୋଇଥିବାବେଳେ ୮ ଦିନ ତଳେ ବାପା ଦୟାନିଧି ସାହୁଙ୍କ ଦେହାନ୍ତ ହୋଇ ଯାଇଥିଲା। ବାପା ମାଙ୍କ ଦେହାନ୍ତ ପରେ ଦୁଇ ଭଉଣୀ ଫୁଲମତି ଓ ଉର୍ବଶୀ ଅସହାୟ ହୋଇ ପଡ଼ିଥିଲେ। ଶନିବାର ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ସୁଧାଂଶୁ ଶେଖର ମହାପାତ୍ର, ଗୁରୁପ୍ରସାଦ ନାଏକଙ୍କ ସମେତ ରାଜ୍ୟ ମଙ୍ଗଳ ବୋର୍ଡ ଯୋଜନା ଅଧ୍ୟକ୍ଷା କଲ୍ୟାଣୀ ନାଏକ, ଧର୍ମଗଡ଼ ଏନଏସି ଉପାଧ୍ୟକ୍ଷା ମନୀଷା ମିଶ୍ର, ସମାଜସେବୀ ବିବେକ ରଞ୍ଜନ ମିଶ୍ର, ସାମାଜିକ କର୍ମି ଢଗ ନାଏକ, ଉମାକାନ୍ତ ସୁନାନୀ, ରିଙ୍କୁ ମଙ୍ଗରାଜ, ହିମାଂଶୁ ମଙ୍ଗରାଜ ବାପା ମା ଛେଉଣ୍ଡ ଦୁଇ ଭଉଣୀ ପାଖକୁ ପହଞ୍ଚି ସମସ୍ତ ସରକାରୀ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେବା ସହ ଦୁଇ ଭଉଣୀଙ୍କୁ ବୁଧବାର ଶିଶୁ ସୁରକ୍ଷା ବିଭାଗରେ ଭର୍ତ୍ତି କରାଯିବ ବୋଲି ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର କର୍ମଚାରୀ ସୁଧାଂଶୁ ଶେଖର ମହାପାତ୍ର କହିଥିଲେ।



## ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ

**ଭବାନୀପାଟଣା, ୨୦।୧ (ସମିସ):** ସଦର ବ୍ଲକ କୁଲିଆମାଲ ଉଚ୍ଚବିଦ୍ୟାଳୟରେ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ନଳୀନି କୁମାରୀ କଅଁରଙ୍କ ତତ୍ତ୍ୱାବଧାନରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଯାମିନୀ ସାହୁ, ସମ୍ମାନିତ ଅତିଥି ଭାବେ ଗୌରାଙ୍ଗ ଚରଣ ବେଉରା ଓ ସିଆର୍‌ସିସି ବୈକୁଣ୍ଠ ବେମାଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ଅନୀଲ କୁମାର ନାଏକ ପରିଚାଳନା କରିଥିଲେ। ଏହି ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବରେ ଛାତ୍ରଛାତ୍ରୀମାନେ ବିଜ୍ଞାନ, ଭାଷା, କ୍ରୀଡା, ଗଣିତ, ସଂସ୍କୃତ ଓ କମ୍ପ୍ୟୁଟର ଆଦି ଉପରେ ମଡେଲ ନିର୍ମାଣ, ପୁସ୍ତକ ସରଞ୍ଜନା ଏବଂ ଚିତ୍ରକଳା ମାଧ୍ୟମରେ ସମସ୍ତ ଅତିଥିମାନଙ୍କୁ ଅବଗତ କରାଇଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ବିପ୍ଳବ ବେହେରା, ଅମିତ୍ କୁମାର ନିଆଲ, ଅଶୋକ କୁମାର ବିଶି, ଜୟରାମ କରୁଆଁ, କୁଞ୍ଜ ବିହାରୀ ଗଉଡ଼, ଅଶ୍ୱନୀ ସାହୁ, ଘନଶ୍ୟାମ ସାର୍, ଶିଶିରକାନ୍ତ ସାହୁ, ଶତ୍ରୁଘ୍ନ ଦେହୁରୀ, କେ.ଶିବ କୁମାର ଓ ସାଦିକା ନାଜ୍ ଆଦି ପ୍ରମୁଖ ଯୋଗଦେଇଥିଲେ ।



ବୁଢ଼ାରଜା ମହୋତ୍ସବ ଉଦ୍‌ଯାପିତ

## ମନମୋହିଲା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ

**ଲାଞ୍ଜିଗଡ଼, ୨୦।୧(ସମିସ)**

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ପଞ୍ଚାୟତ ଅଧୀନ କୁମାରଗୁଡ଼ାଠାରେ ସ୍ୱେଚ୍ଛାସେବୀ ସଂଗଠନ ବୁଢ଼ାରଜା ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ବୁଢ଼ାରଜାଙ୍କ ବାର୍ଷିକ ପୂଜନୋତ୍ସବ ସମ୍ପନ୍ନ ହୋଇଛି। ପୂଜାର୍ଚ୍ଚନା ଅବସରରେ ପାଞ୍ଚଦିନ ବ୍ୟାପୀ କୁମାରଗୁଡ଼ା ଗାଁ ଲୋକାରଣ୍ୟ ହୋଇ ଉଠିଥିଲା। ଲକ୍ଷାଧିକ ଭକ୍ତ, ଶ୍ରଦ୍ଧାଳୁ ଓ ଜନସାଧାରଣଙ୍କ ସମାଗମ ହେବା ସହିତ ପ୍ରତି ସନ୍ଧ୍ୟାରେ ମୁଖ୍ୟ ଆକର୍ଷଣ ପାଲଟିଥିଲା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ। ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶିବାଜୀ ମାଝୀ ଯୋଗଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଲାଞ୍ଜିଗଡ଼ ପ୍ରେସ୍‌କ୍ଲବର ସଭାପତି କୈଳାସ ସାହୁ, ସମ୍ମାନିତ ଅତିଥିଭାବେ ଜିଲ୍ଲାପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ଲାଞ୍ଜିଗଡ଼ ପ୍ରେସ୍ କ୍ଲବର କୋଷାଧ୍ୟକ୍ଷ ପରେଶ ନାୟକ, ସଦସ୍ୟ ଧର୍ମେନ୍ଦ୍ର ପଣ୍ଡା, ସାମ୍ବାଦିକ ତୁଳସୀରାମ ପ୍ରଧାନୀ, ମନୋଜ ଦୋରା, ଦେବାନନ୍ଦ ମାଝୀ, ସୁଶାନ୍ତ ମାଝୀ, ବିଜେଡି ଜିଲ୍ଲା ସମ୍ପାଦକ ପାତ୍ର ମାଝୀ, ସମାଜସେବୀ ରାମଚନ୍ଦ୍ର ମୁଣ୍ଡଛିନା, ଲାଖବାହାଲି ପୂର୍ବତନ ସରପଞ୍ଚ ରାମତୁ ମାଝୀ, ଖଗେଶ୍ୱର ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ବୁଢ଼ାରଜା ସାଂସ୍କୃତିକ ଅନୁଷ୍ଠାନର ରମେଶ ନାଏକ ଓ ସୁମନ୍ତ ନାଏକ ମଞ୍ଚ ପରିଚାଳନା କରିଥିବାବେଳେ ରାମଚନ୍ଦ୍ର ମାଝୀ, ଧନିଆଁ ନାଏକ ରାଜେଶ ନାଏକ, ଈଶ୍ୱର ନାଏକ, ଭୀଷ୍ମ ମାଝୀ, ଶିବରାମ ନାଏକ, ହରିଶ ସାହୁ, ଅମରୀଲାଲଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଏହି ଅବସରରେ ପ୍ରସିଦ୍ଧ ସମ୍ବଲପୁରୀ ଗାୟକ ରକଷ୍ଟାର ରୁକୁ ସୁନା, ହାସ୍ୟ ଅଭିନେତା ଯୋଗେଶ ଯୋଯୋ, ପପୁ ପମପମଙ୍କ ସମେତ ଉଦ୍‌ଯାପନୀ ସନ୍ଧ୍ୟାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତାକୁ ଲକ୍ଷାଧିକ ଦର୍ଶକ ଉପଭୋଗ କରିଥିଲେ।




## ଯୁବକ ସଂଘ ପକ୍ଷରୁ ପାନୀୟ ଜଳ ବଣ୍ଟନ

**କେସିଙ୍ଗା, ୨୦।୧(ସମିସ):** ନୀଳକଣ୍ଠେଶ୍ୱର ପୀଠ କୁଶୁର୍ଲା ଠାରେ ସାତ ଦିନ ଧରି ମିଳିତ ମକର ମେଳା ଅନୁଷ୍ଠିତ ହୋଇଛି। ଦିନବେଳେ ମୀନା ବଜାର ଓ ମେଳାର ଉପଭୋଗ କରୁଥିବାବେଳେ ରାତିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେଉଛନ୍ତି ଦର୍ଶକ। ମେଳାରେ ଲୋକଙ୍କ ଭିଡ଼ ରହୁଥିବାରୁ ଲୋକେ ପିଇବା ପାଣି ଜନିତ ସମସ୍ୟା ଦୂର କରିବା ପାଇଁ ଗଜାନନ ଯୁବକ ସଂଘ ଭୋଇରମୁଣ୍ଡାର ସମ୍ପାଦକ ତଥା ସ୍ୱେଚ୍ଛାସେବୀ ଅଶୋକ ସାହୁଙ୍କ ନେତୃତ୍ୱରେ ସଂଘ ପକ୍ଷରୁ ପିଇବା ପାଣି ବଣ୍ଟନ କରାଯାଇଛି। ଏଥିରେ ସଙ୍ଘର କ୍ରୀଡା ସମ୍ପାଦକ ରାଜେଶ ସାହୁ, ଉଗ୍ରେ ସାହୁ, ମିଥୁନ ସାହୁ, ବିକାଶ ସାହୁ, ପିଙ୍କୁ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଛନ୍ତି। ଶୁଭ୍ରାଂଶୁ ସାହୁ, ଭବେନ୍ଦ୍ର ପଣ୍ଡା, ହିରାମଣି ସାହୁ, ଲକ୍ଷ୍ମୀ ପ୍ରସାଦ ସାହୁ, ବିଟିଭି ବାଲ କୁମାର ସାହୁ, ଦିପାଞ୍ଜଳି ସାହୁ ପ୍ରମୁଖ ଧନ୍ୟବାଦ ଦେଇଥିଲେ।



# ଭାଷା, ସାହିତ୍ୟ ସୁରକ୍ଷା ପାଇଁ ସଂକଳ୍ପ

**କଣ୍ଟାମାଳ, ୨୦।୧(ସମିସ)**

ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଲଣ୍ଡାଗାଁରେ ଭାଷା, ସାହିତ୍ୟ ସୃଜନଶୀଳତାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଗବନ୍ଧୁ ନାୟକ ସଭାପତିତ୍ୱ କରିଥିଲେ। ସରପଞ୍ଚ ତୁଳସୀ ଖାଙ୍କ ମୁଖ୍ୟଅତିଥି, ମୋ ସ୍କୁଲ



ଅଭିଯାନ ସଭାପତି ଅଭିରାମ ରଣା ମୁଖ୍ୟବକ୍ତା, ଦେବେନ୍ଦ୍ର କୁଦେଇ ସମ୍ମାନିତ ଅତିଥି ଏବଂ ଅନ୍ୟତମ ଅତିଥି ଭାବେ ଶେଷଦେବ ରଣା, ପରିଚାଳନା କମିଟି ସଭାପତି ସଦନନ୍ଦ କୁଦେଇ, ଜିତେନ୍ଦ୍ର କୁଦେଇ ମଞ୍ଚାସୀନ ଥିଲେ। ସଂଜୀବ ବେହେରା ସଭା ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।

**ପଳଶାଗୋରା:** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଳଶାଗୋରା ମିଳିତ ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଂଜୀବ ପ୍ରଧାନଙ୍କ



ଅଧ୍ୟକ୍ଷତା କରିଥିଲେ। ଆୟୋଜିତ ସଭାରେ ବିଦ୍ୟାଳୟ ଆଲୁମିନି କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଦ୍ୟାଳୟ ପୂର୍ବତ୍ତନ ପ୍ରଧାନ ଶିକ୍ଷକ ଜୟନ୍ତ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ନିରୁପମା ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ଯସ୍ମିତା ସ୍ମିତା ଦେବୀ, ସଙ୍ଗୀତା ଦଣ୍ଡେସ, ରାଜେନ୍ଦ୍ର ମାଝୀ, ପ୍ରଣବ ଦିଗାଲ, ସୋନାଲି ପ୍ରିୟଦର୍ଶିନୀ, ସନତ ରଣା, ଚିନ୍ମୟ ସାହୁ, ମିଥୁନ୍ ନାଏକ, ହରପ୍ରିୟା ମହଲା, ଗୀତାଞ୍ଜଳି ସୁନା, ପ୍ରହଲ୍ଲାଦ ବସ୍ତିଆ ପ୍ରମୁଖ ସହଯୋଗ କରିଥିଲେ।

**ହରଭଙ୍ଗା:** ହରଭଙ୍ଗା ବ୍ଲକସ୍ଥିତ ପଞ୍ଚାୟତ ହାଇସ୍କୁଲ ଚାରିଛକରେ କଥା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ 'ମୋ କଥା ମୋ କାହାଣୀ' ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଗୁଣନିଧି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ 'ମୋ ସ୍କୁଲ' ଅଧ୍ୟକ୍ଷ ବରିଷ୍ଠ ଆଇନଜୀବୀ ଅକ୍ଷୟ ସାହୁ ଉଦ୍‌ଘାଟନ କରିଥଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ସଚ୍ଚିଦାନନ୍ଦ ଦଲାଲ, ସ୍ଥାନୀୟ ଏମଇ ସ୍କୁଲ ପ୍ରଧାନଶିକ୍ଷକ ନିର୍ମଳ ରଣା ଏବଂ ବରିଷ୍ଠ ନାଗରିକ ମାଗୁଣି ଗାଇଗୌରିଆ ଯୋଗଦେଇ ଏହି ଉତ୍ସବ ପାଳନର ଉଦ୍ଦେଶ୍ୟ ଏବଂ ସଫଳତା ଉପରେ ଆଲୋଚନା କରିଥିଲେ।



ବିଦ୍ୟାଳୟ ଶିକ୍ଷାର୍ଥୀମାନେ 'ମୋ କଥା ମୋ କାହାଣୀ' ନାମରେ ନିଜେ ପୁସ୍ତକ ରଚନା କରିବା ସହିତ ବିଦ୍ୟାଳୟସ୍ତରୀୟ ପୁସ୍ତକ ମେଳାରେ ଏଗୁଡିକ ପ୍ରଦର୍ଶନ କରିଥିଲେ। ଓଡିଆ ଭାଷାର କିମ୍ବଦନ୍ତୀ ଲେଖକମାନଙ୍କ ଦ୍ୱାରା ଲିଖିତ ପୁସ୍ତକ, ଗଦ୍ୟ, କାବ୍ୟ, କବିତା ଏବଂ ଉପନ୍ୟାସକୁ ପଠନ କରାଯିବା ସଙ୍ଗେ ସଙ୍ଗେ ବିଦ୍ୟାଳୟ ରୂପାନ୍ତରଣ ସହିତ ବର୍ଷର ଚର୍ଚ୍ଚିତ ଘଟଣାବଳୀକୁ ନେଇ କୌଶଳୀ କ୍ଲବର ଶିକ୍ଷାର୍ଥୀମାନେ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। କ୍ରୀଡ଼ାଙ୍ଗନ କ୍ଲବର ଛାତ୍ରଛାତ୍ରୀ ସେମାନେ ଦେଖିଥିବା ଜୀବନ କୌଶଳ ପ୍ରଦର୍ଶନ କରିବା ସହିତ ନିଜ ଅନୁଭୂତି ସମ୍ପର୍କରେ ମତାମତ ରଖିଥିଲେ। ଜିଜ୍ଞାସା କ୍ଲବ ଅଧୀନରେ ବିଭିନ୍ନ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରାଯିବା ସହ ଛାତ୍ରଛାତ୍ରୀ ନିଜ ଆଞ୍ଚଳିକ ଭାଷାରେ ସ୍ଥାନୀୟ ସଂସ୍କୃତି, ଇତିହାସ, ଜଳବାୟୁ ପରିବର୍ତ୍ତନ, ପରିବେଶ, ବର୍ଜ୍ୟବସ୍ତୁର ପରିଚାଳନା ଓ ପୁନଃ ବ୍ୟବହାର ଉପରେ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ଶ୍ରୀଧର ପ୍ରଧାନ ସଂଯୋଜନା କରିଥିବା ବେଳେ କ୍ରୀଡ଼ା ଶିକ୍ଷକ ପ୍ରଦୀପ୍ତ ସାହୁ, ବିଜ୍ଞାନ ଶିକ୍ଷକ ନାରାୟଣ ଭୋଷ୍ଟ୍ରା, ବିଶ୍ୱନାଥ ସାହୁ ଉପସ୍ଥିତ ଥିଲେ। ଶିକ୍ଷକ ଜିତେନ୍ଦ୍ରନାଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

**ସାହାଜପାଲ:** ବୌଦ୍ଧ ବ୍ଲକ ତାଳସରଡ଼ା ପଞ୍ଚାୟତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ (ସଂଗ୍ରାମପୁର)ରେ ଭାଷା ସାହିତ୍ୟ ସୃଜନଶୀଳତା ଉତ୍ସବ ପାଳିତ ହୋଇଛି। ପ୍ରଧାନ ଶିକ୍ଷକ ଭରତ ମେହେର ଏଥିରେ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାସୁଦେବ ପାତ୍ର ଓ ସମ୍ମାନୀତ ଅତିଥି ଭାବେ ଭୁଲକ୍କ ଖାଙ୍କର



ଓ ସିଆରସିସି ସଞ୍ଜୟ ଦେହୁରୀ ଏବଂ ବିଦ୍ୟାଳୟର ଉପଦେଷ୍ଟା ଚେତାରାମ ପଟ୍ଟନାୟକ ଉପସ୍ଥିତ ରହି ପୁସ୍ତକ ଉନ୍ମୋଚନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ନାଟକ ମଞ୍ଚସ୍ଥ ହୋଇଥିଲା। ପୁସ୍ତକ, କବିତା, ଚିତ୍ରାଙ୍କନ, ପ୍ରକଳ୍ପ ଓ କ୍ରୀଡ଼ା ପ୍ରଦର୍ଶିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ସମିତି ସଭ୍ୟ ସସ୍ମିତା ସେଠୀଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ମଧ ଇଂରାଜୀ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଜିତ ମଣ୍ଡିଲି ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ବସନ୍ତ ପ୍ରଧାନ ଧନ୍ୟବାଦ ଦେଇଥିଲେ।

**ଡୁଙ୍ଗୁରିପାଲି:** ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସର୍ଗୁଲ ବାଲୁଙ୍କେଶ୍ୱର ଆଦିବାସୀ ଉଚ୍ଚ ବିଦ୍ୟାଳୟରେ ଭାଷା ସାହିତ୍ୟ ସୃଜନଶୀଳତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କୃଷ୍ଣପ୍ରିୟା ସହାଣି ଏଥିରେ ସଭାପତିତ୍ୱ କରିଥିଲେ। ଗ୍ରାମର ଗୌନ୍ତିଆଣି ଉମା ଭୋଇ ଏହାକୁ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ସରପଞ୍ଚ କୁଞ୍ଜିତା ପାଣ୍ଡେ, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ପୁରନ୍ଦର ସାହୁ, ଝରକେତନ ସାହୁ, ମୋ ସ୍କୁଲ ଅଭିଯାନର ସଭାପତି ସୋମନାଥସିଂ ଠାକୁର, ସିଆରସିସି ଅବିନାଶ ବୁଢେକ, ଶିକ୍ଷକ ଚୈତନ୍ୟ ମଲ୍ଲିକ ଯୋଗ ଦେଇଥିଲେ। ଶିକ୍ଷକ



ନିମାଇଚରଣ ମଲ୍ଲିକ ମଞ୍ଚ ପରିଚାଳନା କରିଥିବା ବେଳେ ଗୋପାଳକୃଷ୍ଣ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସୋମନାଥ ହାତୀ, ସନ୍ତୋଷ ମେହେର, ପ୍ରଫୁଲ୍ଲ ସାହୁ, ବଳଦେବ ସ୍ୱାଇଁ, ଧନପତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଯାଦବ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

**ତରଭା:** ତରଭା ବ୍ଲକର ଶିବଡୁଲାସ୍ଥିତ ସତ୍ୟନାରାୟଣ ହାଇସ୍କୁଲରେ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ସହ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁହାସି ଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅବସରପ୍ରାପ୍ତ ସହ ଶିକ୍ଷା ନିରୀକ୍ଷକ ଭାଗବତ ପ୍ରସାଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସାହିତ୍ୟ ସୃଜନୀ କ୍ଲବର ୨୨୧ ଜଣ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଚିତ ୨୨୧ ଖଣ୍ଡ ପୁସ୍ତକକୁ ମୁଖ୍ୟ ଅତିଥି ଉନ୍ମୋଚିତ କରାଯାଇଥିଲା। ଦଶମ ଶ୍ରେଣୀର ଛାତ୍ରୀ ରୋଜାଲିନ ମହାକୁଡ଼ଙ୍କୁ ଶ୍ରେଷ୍ଠ ଛାତ୍ରୀ ଭାବେ ପୁରସ୍କୃତ କରାଯାଇଥିବା ବେଳେ ସର୍ବାଧିକ ଉପସ୍ଥାନ ପାଇଁ ନବମ ଶ୍ରେଣୀ ଛାତ୍ରୀ ସାଧନା ବିଶାଳ ଓ ଦଶମ ଶ୍ରେଣୀ ଛାତ୍ରୀ ନିରୁପମା ନାଏକ, ଶ୍ରେଷ୍ଠ କ୍ଲବ ଭାବେ ସାହିତ୍ୟ ସୃଜନୀ କ୍ଲବ ଓ ଶ୍ରେଷ୍ଠ ଦଳ ଭାବେ ମହାନଦୀ ଦଳକୁ ପୁରସ୍କୃତ କରାଯାଇଥିଲା।



ଶିକ୍ଷକ ଦୁର୍ଯୋଧନ କର୍ଣ୍ଣ ମଞ୍ଚ ପରିଚାଳନା କରିଥିବାବେଳେ ଅଙ୍ଗସଜ୍ଜା ବିଦ୍ୟାରଞ୍ଜନ ବିଭାର, ସାଂସ୍କୃତିକ ପ୍ରଭାରୀ ରୋଶନ ଭୋଇ, ପ୍ରକଳ୍ପ ସଂଯୋଜନା ଶୁଭଙ୍କର ସାହୁ, ନୃତ୍ୟ ନିର୍ଦ୍ଦେଶନା ପଲ୍ଲବୀ ଦାସ, ପାରିପାର୍ଶ୍ୱିକ ଶୃଙ୍ଖଳା ଓ ଖାଦ୍ୟ ପରିବେଷଣ ଦାୟିତ୍ୱ ବୁଧୁରାମ ମେହେର ତୁଲାଇ ଥିଲେ। ବରିଷ୍ଠ ଶିକ୍ଷକ ରାଜକିଶୋର ସାହୁ ଧନ୍ୟବାଦ ଦେଇଥିଲେ।

**ମନମୁଣ୍ଡା/ଶଗଡ଼ା:** ମନମୁଣ୍ଡା ଇନ୍ଦିରା ବାଳିକା ଉଚ୍ଚ ବିଦ୍ୟାଳୟ, ବିଳାସପୁର ଜନତା ଉଚ୍ଚ ବିଦ୍ୟାଳୟ, ଗୁଡଭେଲିପଦର୍ ରାଧାମୋହନ ଉଚ୍ଚ ବିଦ୍ୟାଳୟ,



ଶଗଡ଼ା ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଏବଂ ଖଟଖଟିଆ ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠରେ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ପାଳିତ ହୋଇଯାଇଛି। ଇନ୍ଦିରା ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା ହୋତାଙ୍କ ଅଧ୍ୟକ୍ଷତାରେ ଶିକ୍ଷକ ଗୋପାଳଚନ୍ଦ୍ର ତ୍ରିପାଠୀ କାର୍ଯ୍ୟକ୍ରମ ପଲିଚାଳନା କରିଥିଲେ। ରାଜ୍ୟ ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର ମୁଖ୍ୟ ଅତିଥ ଭାବେ ଯୋଗ ଦେଇଥିଲେ। ବିଳାସପୁର ଜନତା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଚଣ୍ଡୀ ପ୍ରସାଦ ବେହେରା ସଭାପତିତ୍ୱ କରିଥିବାବେଳେ ଅବସରପ୍ରାପ୍ତ ଶିକ୍ଷକ ରମେଶ ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଗୁଡଭେଲିପଦର୍ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଅକ୍ଷୟ ପଣ୍ଡା ସଭାପତିତ୍ୱ କରିଥିବାବେଳେ ମାନସ ରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଏଥିରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ବୀରବର ସାହୁ, ମୁଖ୍ୟବକ୍ତା ଭାବେ ବୌଦ୍ଧ ଜିଲ୍ଲା ସାମ୍ବାଦିକ ସଂଘ ଉପସଭାପତି ବୈଦ୍ୟନାଥ ହୋତା, ସମ୍ମାନୀୟ ଅତିଥି ଭାବେ ଖଗେଶ୍ୱର ବସ୍ତିଆ, ସୁଶୀଳ ମିଶ୍ର ଯୋଗ ଦେଇଥିଲେ। ଶଗଡ଼ା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଲାଲ ବାହାଦୂର ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୋ ସ୍କୁଲ ଅଭିଯାନ ସଭାପତି ଶାନ୍ତନୁ ଥାଟି ମୁଖ୍ୟ ଅତିଥି, ପୁରାତନ ଛାତ୍ର ତନ୍ମୟ ସାହୁ ଏବଂ ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ଗିରି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଖଟଖଟିଆ ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠରେ ପ୍ରଧାନ ଶିକ୍ଷୟିତ୍ରୀ ଯାଜ୍ଞସେନି ଖେତିଙ୍କ ସଭାପତିତ୍ୱରେ ବିଶିଷ୍ଟ ସାହିତ୍ୟିକ ହରିହର ପ୍ରଧାନ ମୁଖ୍ୟବକ୍ତା, କବି ରଞ୍ଜୁ ଅମାତ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।




## ବୌଦ୍ଧ ଆର୍‌ଟିଓଙ୍କୁ ବଦଳି ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

**ବୌଦ୍ଧ, ୨୦।୧(ସମିସ):** ବୌଦ୍ଧ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ବଦଳି ଦାବିରେ ଜିଲ୍ଲାପାଳଙ୍କ ନିକଟରେ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲାପାଳ ତେତେଲେଙ୍ଗାସ୍ଥିତ ଗୌରୀ ଶଙ୍କର ପବ୍ଲିକ୍ ସ୍କୁଲର ଏକ ଉତ୍ସବରେ ଯୋଗ ଦେବାକୁ ଆସିଥିବା ବେଳେ ଜିଲ୍ଲାର ବିଭିନ୍ନ ଡ୍ରାଇଭର ସଂଘ, ସାମାଜିକ ଅନୁଷ୍ଠାନ ତାଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ବସନ୍ତ ମହାପାତ୍ର ବିଭିନ୍ନ ସମୟରେ ବିଭିନ୍ନ କାମରେ ଯାଉଥିବା ଗାଡ଼ି ମାଲିକ, ଡ୍ରାଇଭର ଓ ଜନସାଧାରଣଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ



କରିବା ସହିତ ଅସୌଜନ୍ୟ ବ୍ୟବହାର କରୁଥିବା ଅଭିଯୋଗକାରୀ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଜଣାଇଛନ୍ତି। ଶୁକ୍ରବାର ଜଣେ ସାମାଜିକ କର୍ମୀ ତଥା ଜିଲ୍ଲା ସାମାଜିକ ସୁରକ୍ଷା ପରିଷଦର ସଭାପତି ଧର୍ମୁଧର ପୋଢ ତାଙ୍କ ବୋଲେରୋ ସମ୍ପର୍କରେ ବୁଝିବା ପାଇଁ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇଥିବା ବେଳେ ଦୁର୍ବ୍ୟବହାର ଶିକାର ହୋଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ୭ ଦିନ ମଧ୍ୟରେ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ମହାପାତ୍ରଙ୍କୁ ବଦଳି କରା ନଗଲେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ଅନିର୍ଦ୍ଦିଷ୍ଟ କାଳ ପାଇଁ ଘେରାଉ କରାଯିବ ବୋଲି ଅଭିଯୋଗକାରୀ ଚେତାବନୀ ଦେଇଛନ୍ତି।

### ● ଲାଲ୍‌ମନି କ୍ରିକ୍‌ଫେଷ୍ଟ-୨୪ ଉଦ୍‌ଘାଟିତ

## ୨୧ରୁ ୨୮ ଯାଏଁ ଜମିବ କ୍ରିକେଟ୍ ମହାକୁମ୍ଭ

**ସୋନପୁର, ୨୦।୧(ସମିସ):** କରୋନା ଯୋଗୁଁ ୩ ବର୍ଷ ବନ୍ଦ ପରେ ବହୁ ପ୍ରତୀକ୍ଷିତ ଲାଲାମନି କ୍ରିକେଟ ଟୁର୍ଣ୍ଣାମେଣ୍ଟ ବଡ ଧୁମ




ଧାମରେ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ସମାରୋହରେ ସୁବର୍ଣ୍ଣପୁର ଜିଲ୍ଲାପାଳ ବିମଳେନ୍ଦୁ ରାୟ, ପୌରାଧକ୍ଷା ତାମସି ତାମସ୍ମିତା ନାଏକ, ଏସପି ଅମରେଶ ପଣ୍ଡା ଶ୍ରୀବସ୍ତ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଉତ୍ସବରେ ଏସ୍‌ଡିସିଏ ସଭାପତି ରାମଶଙ୍କର ସାହୁ, ସଂପାଦକ ପ୍ରଦୀପ ସେଠୀ, ଉପସଭାପତି ବି. ସତ୍ୟନାରାୟଣ ରାଓ ଉପସ୍ଥିତ ରହି ଲାଲମନି କ୍ରିକେଟ ଟୁର୍ଣ୍ଣାମେଣ୍ଟ ସଂପର୍କରେ ଆଲୋଚନା କରିଥିଲେ। ଏଥର ନୂଆ ରୂପରେ ଜମିବ ଜାତୀୟ ଲାଲମନୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ। ପ୍ରଥମ ଥର ପାଇଁ ଟର୍ଫ ପିଚ୍‌ରେ ୨୧ରୁ ୨୮ ତାରିଖ ଯାଏଁ ଦେଶର ବହୁ ସୁନାମଧନ୍ୟ ଦଳ ଟୁର୍ଣ୍ଣାମେଣ୍ଟରେ କ୍ରିକେଟ ଧୁମ ଦେଖାଇବେ। ପଶ୍ଚିମବଙ୍ଗ, ନାଗପୁର, ରାଞ୍ଚି, ଦିଲ୍ଲୀ ଭଳି ୯ଟି ଦଳ ଏହି ଟୁର୍ଣ୍ଣାମେଣ୍ଟରେ ସାମିଲ ହୋଇଛନ୍ତି। ବିଜୟୀ ଦଳକୁ ୮୦ ହଜାର ଟଙ୍କା ଏବଂ ରନର୍ସ ଅପ୍ ଦଳକୁ ୫୦ ହଜାର ଟଙ୍କାର ପୁରସ୍କାର ରାଶି ଦିଆଯିବ। ଶେଷ ଦିନରେ ଜଣେ ଜାତୀୟ ସ୍ତରର ଖେଳାଳି ଅତିଥି ଭାବେ ଯୋଗ ଦେବେ ବୋଲି ସୂଚନା ମିଳିଛି। ଏହି ଅବସରରେ ୩୫ତମ ଲାଲମନି କ୍ରିକେଟର ଲଗୋ ମଧ ଉନ୍ମୋଚିତ ହୋଇଛି।

## ଆଲୋକ ସ୍ମାରକୀ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ



**ତରଭା, ୨୦।୧(ସମିସ):** ତରଭା ଅଞ୍ଚଳର ବିଶିଷ୍ଟ ବ୍ୟାଡମିଣ୍ଟନ ଖେଳାଳି ସ୍ୱର୍ଗତ ଆଲୋକ ସାହୁଙ୍କ ସ୍ମୃତିରେ ନବମ ବର୍ଷରେ ପଦାର୍ପଣ କରିଥିବା ଆଲୋକ ମେମୋରିଆଲ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ପ୍ରଥମ ସନ୍ଧ୍ୟାରେ ତରଭାର ହରି ସାହୁ ଓ ଦିନେଶ ବେହେରା ତଥା ବଲାଙ୍ଗୀରର ରରୋଶନ ସାହୁ ଓ ସାଥୀଙ୍କ ଯୋଡି ସେମିଫାଇନାଲରେ ପଦାର୍ପଣ କରିଛନ୍ତି। ଟୁର୍ଣ୍ଣାମେଣ୍ଟର ସଭାପତି ସୁନିଲ ଝାଝରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ପ୍ରଯୋଜକ ଆକାଶ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ମଧୁସୂଦନ ପାଣ୍ଡେ, ଅମିତ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟରେ ମୋଟ ୪୫ଟି ଦଳ ଯୋଗ ଦେବାକୁ ଥିବାବେଳେ ପ୍ରଥମ ସନ୍ଧ୍ୟାରେ ୧୯ଟି ଦଳ ଯୋଗ ଦେଇଛନ୍ତି। ପ୍ରବୀଣ ପଣ୍ଡା, ସୁଦୀପ ମହାଣା, ସଂଜୀବ ସାହୁ ଖେଳ ପରିଚାଳନା କରିଥିବା ବେଳେ ପରେଶ ମେହେର, ସୁରେନ୍ଦ୍ର ମେହେର, ରାଜେନ୍ଦ୍ର ଅଧିକାରୀ, ମନିଷଦେବ ସାହୁ ସୁନୁ ମେହେର, ହିରଣ୍ମୟ ପଟ୍ଟନାୟକଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ପ୍ରଶାସନର ଦୟାରେ ଗୋପୀନାଥ

### ନୀତିକାନ୍ତି ପାଇଁ ମାସିକ ମାତ୍ର ୫୦୦ ଟଙ୍କା ମିଳୁଛି

**ସୋନପୁର, ୨୦।୧ (ସମିସ)**

ମନ୍ଦିର ମାଳୀନି ସହର ସୁବର୍ଣ୍ଣପୁର। ଏହି ସହରକୁକୁ ଦ୍ୱିତୀୟ ବାରଣାସୀ କୁହାଯାଏ। ଏଠାରେ ଅଷ୍ଟଚଣ୍ଡୀ, ଅଷ୍ଟଶମ୍ଭୁଙ୍କ ସହ ଅଷ୍ଟବିଷ୍ଣୁଙ୍କ ମନ୍ଦିର ରହିଛି। ଗୋପାଳଜୀ, ଜଗନ୍ନାଥ, ଗୋପୀନାଥ, ଦେବାର୍ଚ୍ଚନ ଗୋପାଳଜୀ, ଦଧିବାମନ, ରାମଜୀ, ବୃନ୍ଦାବନ ବିହାରୀ ଏବଂ ନୃସିଂହ ଭଗବାନ ଏଠାରେ ଅଷ୍ଟବିଷ୍ଣୁ ଭାବେ ପୂଜା ପାଆନ୍ତି। ତେବେ ସୁବର୍ଣ୍ଣପୁରର ପରିଚୟ କୁହାଯାଉ ଥିବା ଏହି ମନ୍ଦିରଗୁଡିକ ନାନା ସମସ୍ୟ ଭିତରେ ଗତି କରୁଛି। ଅଷ୍ଟବିଷ୍ଣୁଙ୍କ ବିଭିନ୍ନ ମନ୍ଦିରରେ ନୀତିକାନ୍ତି ପାଇଁ ଅର୍ଥର ଅଭାବ ଦେଖା ଦେଇଛି। ଅଷ୍ଟବିଷ୍ଣୁଙ୍କ ମଧ୍ୟରେ ପୂଜା ପାଉଥିବା ପ୍ରଭୁ ଗୋପୀନାଥ ମନ୍ଦିରରେ ବହୁ ଅସୁବିଧା ରହିଛି। କେବଳ ଯାହା ପ୍ରଶାସନ ପକ୍ଷରୁ ମାସିକ ୫ ଶହ ଟଙ୍କା ଠାକୁରଙ୍କୁ ଭୋଗ ଲଗାଇବା ପାଇଁ ମିଳୁଛି। ରାଜା ରାଜୁଡା ସମୟରୁ ସୋନପୁର ଗଡ଼ଜାତରେ ପୂଜା ପାଉଛନ୍ତି ପ୍ରଭୁ ଗୋପୀନାଥ। ସରକାରୀ ବାଳିକା ବିଦ୍ୟାଳୟ ନିକଟରେ



ରହିଛି ଗୋପୀନାଥ ମନ୍ଦିର। ସୋନପୁର ମହାରାଜ ପ୍ରତାପରୁଦ୍ର ଦେବ ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ମହାରାଜ ବୀରମିତ୍ର ସିଂହଦେବ ମନ୍ଦିର ନିର୍ମାଣ କରିଥିଲେ। ରାଜା ସୁଧାଂଶୁ ଶେଖର ସିଂହଦେବ ମନ୍ଦିର ପ୍ରତିଷ୍ଠା କରିଥିଲେ। ସୋନପୁର ମହାରାଜା ନିର୍ମାଣ କରିଥିବା ମନ୍ଦିରରେ ଆର୍ଥିକ ସମସ୍ୟା ଦେଖା ଦେଇଛି। ପୂଜାକାର୍ଯ୍ୟ ପାଇଁ ମନ୍ଦିରକୁ ମାସିକ ୫ଶହ ଟଙ୍କା ମିଳିଥାଏ। ବଜାରରରେ ସମସ୍ତ ପୂଜା ସାମଗ୍ରୀର ଦର ହୁହୁ ହୋଇ ବଢ଼ି ଚାଲିଥିବା ବେଳେ ଏତେ କମ୍ ପଇସାରେ ମନ୍ଦିର ନୀତି ସମାପନ କରିବାରେ ସମସ୍ୟା ଦେଖା ଦେଉଛି। ପୂଜକ ସଦାନନ୍ଦ ତ୍ରିପାଠୀଙ୍କ କହିବା ଅନୁସାରେ ପ୍ରଶାସନ ପକ୍ଷରୁ ମନ୍ଦିରର ପୂଜାର୍ଚ୍ଚନା ପାଇଁ ମାସିକ ୫ଶହ ଟଙ୍କା ପ୍ରଦାନ କରାଯାଏ। ସଦାନନ୍ଦ ମହାନଦୀ ସେପଟ ୩ କିଲୋମିଟର ଦୂର ହିକୁଡିରୁ



ପୂଜା କରି ଆସୁଛନ୍ତି। ୫୦୦ ଟଙ୍କାରେ ମନ୍ଦିରର ପୂଜା ସାମଗ୍ରୀ ଯୋଗାଡ କରିବେ ନା ପରିବାର ପାଇଁ ଖର୍ଚ୍ଚ କରିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ସଦାନନ୍ଦଙ୍କ ମାତ୍ର ଦେଢ ଏକର ଜମି ଥିବା କହିଛନ୍ତି। ସେ ୨୦୦୪ରୁ ବହୁ ବାଧା ବିଘ୍ନ ଭିତରେ ଏହି ମନ୍ଦିର ପୂଜା କରି ଆସୁଛନ୍ତି। ତାଙ୍କ କହିବା କଥା ହେଲା ଏହି ଟଙ୍କାରେ ପୂଜା ସାମଗ୍ରୀ ଯଥା ଘିଅ, ଦୀପ, ଧୂପକାଠି ଏବଂ ପ୍ରସାଦ ଆଦି ମଧ କିଣିବାକୁ ପଡେ। ଏତେ କମ୍ ଟଙ୍କାରେ ଦୈନିକ ପୂଜାର୍ଚ୍ଚନା କରିବା କାଠିକର ହୋଇ ଯାଉଛି। ଏତେ ସବୁ ଅସୁବିଧା ଥିଲେ ମଧ ଭକ୍ତମାନଙ୍କ ସହଯୋଗ ଏବଂ ଦାନ ଯୋଗୁଁ କଷ୍ଟେମଷ୍ଟେ ଚଳି ଯାଉଛି ବୋଲି କ୍ଷୋଭର ସହ କହିଛନ୍ତି। ତେଣୁ ସମସ୍ୟା ସତ୍ତ୍ୱେ ମଧ ସେ ପୂଜାବିଧିରେ ଅବହେଳା କରନ୍ତି ନାହିଁ। ମନ୍ଦିରରେ ଲାଗି ରହିଥିବା ସମସ୍ୟା ପ୍ରତି ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସେ ଦାବି କରିଛନ୍ତି।

# ୫ ବର୍ଷ ହେଲା ଅନ୍ଧାରରେ ରମ୍ଭିକଟା ଛକ

**ହରଭଙ୍ଗା, ୨୦।୧ (ସମିସ):** ଗାଁ, ଗଣ୍ଡା, ଗହଳିପୂର୍ଣ୍ଣ ଛକ ଗୁଡିକରେ ସରକାରୀ ଅନୁଦାନରେ ଆଲୋକୀକରଣ କରିବା ପାଇଁ ଷ୍ଟ୍ରିଟ ଲାଇଟର ବ୍ୟବସ୍ଥା କରାଯାଉଛି; କିନ୍ତୁ ଦୀପ ତଳ ଅନ୍ଧାର ଭଳି ଏକ ଜନ ଗହଳିପୂର୍ଣ୍ଣ ଛକରେ ଦୀର୍ଘ ୫ବର୍ଷରୁ ଊର୍ଦ୍ଧ ହେବ ଷ୍ଟ୍ରିଟ ଲାଇଟ ଲାଗି ପାରୁ ନ ଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ହରଭଙ୍ଗା ବ୍ଲକ ସାମ୍ପୋଚ ପଞ୍ଚାୟତର ରମ୍ଭିକଟା ଛକରେ ୫ବର୍ଷ ପୂର୍ବରୁ ଷ୍ଟ୍ରିଟ ଲାଇଟ ବ୍ୟବସ୍ଥା କରାଯାଇଥିଲା। ୨ମାସ ପରେ ଲାଇଟ ଖରାପ ହେବାରୁ ତାହାକୁ ପଞ୍ଚାୟତ କର୍ମଚାରୀ ସଜାଡ଼ିବା ପାଇଁ ଖୋଲି ଦେଇଥିଲେ। ଆଜି ପର୍ଯ୍ୟନ୍ତ ତାହା ସଂଯୋଗ କଲେନି। ଏହା ଫଳରେ ଏହି ଛକଟି ଅନ୍ଧାରରେ ରହିଛି। ଏହି ଛକରୁ ଯାଇଥିବା ରାସ୍ତାଟି ପଞ୍ଚାୟତ ମୁଖ୍ୟ ସଡ଼କ। ପ୍ରାୟ ୧୦ଖଣ୍ଡ ଗାଁ ଲୋକେ ଏହି ସ୍ଥାନରେ ନୀତି ଦିନିଆଁ ଚଳଣି ସହିତ ସ୍କୁଲ, କଲେଜ ଓ ଛାତ୍ରଛାତ୍ରୀଙ୍କ ଯିବା ଆସିବାର ମୁଖ୍ୟ ସ୍ଥାନ। ଷ୍ଟ୍ରିଟ ଲାଇଟ ଅଭାବରୁ ସନ୍ଧ୍ୟା ହେଲେ ଅନ୍ଧାର ହେଉଥିବାରୁ ମଦ୍ୟପ ଓ ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳ ସହ ଗଞ୍ଜେଇ ବ୍ୟବସାୟ ହେଉଛି। ଅନ୍ୟପଟେ ଛାତ୍ରଛାତ୍ରୀ ଓ ଅନେକ

**● ଷ୍ଟ୍ରିଟ୍ ଲାଇଟ୍ ପାଇଁ ଗ୍ରାମବାସୀଙ୍କ ବାରମ୍ବାର ଦାବି**

**● ଧ୍ୟାନ ଦେଉନାହାନ୍ତି ଜନପ୍ରତିନିଧି କି ପ୍ରଶାସନିକ ଅଧିକାରୀ**

ଗ୍ରାମର ଗ୍ରାମବାସୀ ଓ ସ୍ଥାନୀୟ ଜନତା ଅସୁରକ୍ଷିତ ମନେ କରୁଛନ୍ତି। ଗ୍ରାମବାସୀଙ୍କ ମତ ଅନୁଯାଇ ଦୀର୍ଘ ବର୍ଷରୁ ପଞ୍ଚାୟତ କର୍ତ୍ତୃପକ୍ଷ ବ୍ଲକ ପ୍ରଶାସନ ଓ ଦୁଇ ଦୁଇଟି ବ୍ଲକ ଅଧ୍ୟକ୍ଷ ଓ ଜିଲ୍ଲା ପରିଷଦ ସଦସ୍ୟଙ୍କୁ ଲାଇଟ ଲଗାଇବା ପାଇଁ ଅଭିଯୋଗ କରିଥିଲେ ମଧ ଦୀର୍ଘ ୫ବର୍ଷ ହେଲା କେହି ଦୃଷ୍ଟି ଗୋଚର ଦେଉ ନାହାନ୍ତି। ତେଣୁ ବ୍ଲକ ପ୍ରଶାସନ ଏହାକୁ ନଜରକୁ ଆଣି ଷ୍ଟ୍ରିଟ ଲାଇଟ ଲଗାଇବା ପାଇଁ ରମ୍ଭିକଟା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି।

## ଚାଷୀ ପ୍ରଶିକ୍ଷଣ ଶିବିର

**ଶଗଡ଼ା,୨୦।୧(ସମିସ):** କଣ୍ଟାମାଳ ବ୍ଲକ ଖଟଖଟିଆ ପଞ୍ଚାୟତ ଦମାମୁଣ୍ଡାରେ ଏକ ଚାଷୀ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଯାଇଛି। ବୃହତ ଜଳସେଚନ ଦ୍ୱାରା ଫସଲର ବିଭିନ୍ନ ବିବିଧ କରଣ ମାଧ୍ୟମରେ ଚାଷୀଙ୍କୁ ସାମିଲ କରିବା ସହ ଚାଷୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଶିବିର ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଧାନ ଚାଷ ବ୍ୟତୀତ ଡାଲି ଜାତୀୟ ଶସ୍ୟ ଯଥା ମୁଗ, ବିରି, କୋଳଥ, ମାଣ୍ଡିଆ, ରାଶି, ଅଳସି, କପା, ଚିନା ବାଦାମ, ହରଡ, ମକା ଓ ବିଭିନ୍ନ ପ୍ରକାର ପନିପରିବା ତଥା ମସଲା ଜାତୀୟ ଶସ୍ୟ ଅମଳ କରି ଚାଷୀ କିଭଳି ଲାଭବାନ ହେବେ ସେ ନେଇ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବସନ୍ତ ପାଣିଗ୍ରାହୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କଣ୍ଟାମାଳ ବ୍ଲକ କୃଷି ଅଧିକାରୀ ଲଳିତ ସାହୁ, ପୂର୍ଣ୍ଣାନନ୍ଦ ସାହୁ, ନ୍ୟୁ ଲାଇଫ୍ ଫାଉଣ୍ଡେସନ୍ ଚେୟାରମେନ୍ କଲାକାହ୍ନୁ ଦୀପ ଓ ଆଖପାଖ ଅଞ୍ଚଳର ପ୍ରାୟ ୮୦ ଜଣ ଚାଷୀ ତଥା ଜନସାଧାରଣ ଉପସ୍ଥିତ ଥିଲେ। ସଭା ଶେଷରେ ସାମସନ୍ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଗଡୁଛି ପୋଷ୍ୟ ସନ୍ତାନ ସଚେତନତା ରଥ

**ଦେଓଗାଁ, ୨୦।୧(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନାରୁ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ରଥର ଆରମ୍ଭ ହୋଇଛି। ଗତ ୧୭ ତାରିଖରେ ଓଡ଼ିଶା ମହିଳା ଓ ଶିଶୁ ବିକାଶର ବିଭାଗର ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଶିଶୁ ମଙ୍ଗଳ କମିଟି ଏବଂ ଗ୍ରାମ ମଙ୍ଗଳ ପାଠାଗାର ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ପରିକ୍ରମା ରଥ ଦୁଇ ଦିନ ପରେ ଦେଓଗାଁରେ ପହଞ୍ଚିଛି। ଥାନାଧିକାରୀ ତାରାବତୀ ପଧାନ ପୌଷ୍ୟ ସନ୍ତାନ ଗ୍ରହଣ କରିବାର ନୂତନ ନିୟମାବଳୀ ଓ ବେସାହାରା ଶିଶୁଙ୍କୁ ସୁରକ୍ଷା ଦିଗରେ ଲୋକଙ୍କୁ ସଚେତନ କରିଥିଲେ। ପ୍ରୋଗ୍ରାମ ମେନେଜର ଦେବାଶିଷ ପଟେଲ, ସାମାଜିକ କର୍ମୀ ପୁଷ୍ପାଞ୍ଜଳି ସୁନା ଓ ଅଲେଖ ମଲିଆ ସାମିଲ ଥିଲେ।

## 'ନୂଆଁ ଭେଟି' ମିଳନ କାର୍ଯ୍ୟକ୍ରମ

**ବଲାଙ୍ଗିର, ୨୦।୧(ସମିସ):** ଲକି ବିବାହ ମଣ୍ଡପରେ ପଶ୍ଚିମ ଓଡ଼ିଶା କଳାକାର ସଂଘ ଦ୍ୱାରା ନୂଆଭେଟି ଓ କଳାକାର ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଶିଷ୍ଟ କଣ୍ଠଶିଳ୍ପୀ ରୁକୁ ସୁନା, ଦିଲୀପ ଦୀପ, ଲଖନ ନନ୍ଦ, ପ୍ରଯୋଜକ ଦେବେନ୍ଦ୍ର ସାହୁ, ଯୁବ ସଂଗଠକ ସଭାପତି ବିନୋଦ କାଲସାଏ, ଅଭିନେତ୍ରୀ ରୁକ୍ସନା ବାନୋ, ଅଭିନେତା ରେଶନ ଭରଦ୍ୱାଜ, ଆଶୁତୋଷ ମିଶ୍ର, ସାଗର କୁମ୍ଭାର ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ସଭାକୁ ଅଜୟ ନାଗ ସଭାପତିତ୍ୱ କରିଥିବା ବେଳେ ଯୋଗୀନ୍ଦ୍ର ଦୀପ ସଂଯୋଜନା କରିଥିଲେ। କଳାକାର ରେଶନ ରାଜ, ଭିକି ପ୍ରୋ, ରକି ରାଉତ, ବିନୟ ସୁନା, ଜିତ ସୁନା, ମୁକେଶ ସୁନା, ଶୁଭମ, ସାହୀଦ, ଏମ୍‌ଏନ୍ ଇଂଜିତ, ଶମ୍ଭୁ, ପପୁଲୁ, ବିଟୁ, ରାଶି, ଦୀପିକା, ଜୟଶ୍ରୀ, ସତ୍ୟଭାମା, ଦିୟା, ସୌମ୍ୟା, ଗୀତା, ଲିପିକା, ଚନ୍ଦନ ସହଯୋଗ କରିଥିଲେ। ବିଶିଷ୍ଟ ସିନେ ଅଭିନେତା ରତନ ମେହେର ଓ ବିଶିଷ୍ଟ ଅଭିନେତା ତଥା ମଞ୍ଚ କଳାକାର ଲଳିତ ପୂଜାରୀ ସବୁବେଳେ ସମର୍ଥନ କରିବୁ ବୋଲି କହିଥିଲେ।

## ଚୂଡାପାଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବଲାଙ୍ଗିର, ୨୦।୧(ସମିସ):** ଚୂଡାପାଲିସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଏସ୍‌ଏସ୍‌ଡି) ର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର, ସମ୍ମାନିତ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ଯୋଷୀ ଯୋଗ ଦେଇଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ଅଲେକ ବିଶ୍ୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡା. ତରୁଣ ଭୋଇ, ପ୍ରତାପଚନ୍ଦ୍ର ମହାନ୍ତି, ସମାଜସେବୀ ଲୋକନାଥ କୁମୁରା, ଦାମୋଦର ବିଶ୍ୱାଲ, ପରିଚାଳନା କମିଟି ସଭାପତି ଅକ୍ଷୟ ଘିଭେଲା ପ୍ରମୁଖ ମଞ୍ଚାସୀନ ଥିଲେ। ଘାସିରାମ ବେହେରା, ଲମ୍ବୋଦର ପଟେଲ, ଶରତ ନନ୍ଦ, ଜୟକୃଷ୍ଣ ମିଶ୍ର, ସୁଶୀଳ ବେହେରା, ଭରତ ସାହୁ, ଗିରିଧାରି ପୁଟା ଉପସ୍ଥିତ ଥିଲେ। ସ୍କୁଲ ତରଫରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## କୁତୁର୍ଲା ସୁରଧନୁ ହାଇସ୍କୁଲର ବାର୍ଷିକ ଉତ୍ସବ

**ଦେଓଗାଁ, ୨୦।୧(ସମିସ):** ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତ କୁତୁର୍ଲା ସୁରଧନୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲୀପ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ରାମନାରାୟଣ ପାଢ଼ୀ, ମୁଖ୍ୟବକ୍ତା ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅଜିତ ମିଶ୍ର ଓ ସମ୍ମାନିତ ଅତିଥି ବ୍ରାହ୍ମଣୀଯୋର ହାଇସ୍କୁଲର ପ୍ରଧାନଶିକ୍ଷକ ରତନ ମେହେର, ପୂର୍ବତନ ପ୍ରଧାନଶିକ୍ଷକ ଦାମୋଦର ନାୟକ, ପୂର୍ବତନ ହିନ୍ଦୀ ଶିକ୍ଷକ ବିଜୟ ମହାନ୍ତି, ସମାଜସେବୀ କୃଷ୍ଣଚନ୍ଦ୍ର ଚାନ୍ଦ, ଭାଗବତ ନାଏକ ପ୍ରମୁଖ ଯୋଗଦେଇଥିଲେ। ଖେଳ ଶିକ୍ଷକ ଗୋପାଳଚନ୍ଦ୍ର ବସ୍ତିଆ ଧନ୍ୟବାଦ ଦେଇଥିଲେ। ଗୁରୁ ଶିବପ୍ରସାଦ ସାହୁଙ୍କ ପରିଚାଳନାରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

## ଘୁନସର କଲେଜରେ 'ନୂଆଁ-ଓ' କାର୍ଯ୍ୟକ୍ରମ

**ସଇଁତଲା, ୨୦।୧(ସମିସ):** ସଇଁତଲା ବ୍ଲକ ଘୁନସର ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆଁ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ହୋଇଥିଲା। କଲେଜର ଅଧ୍ୟକ୍ଷ ଶୁଭେନ୍ଦୁ ବିକାଶ କୁମ୍ଭାରଙ୍କ ସଭାପତିତ୍ୱରେ ଜଗନ୍ନାଥ ସଂସ୍କୃତି ବିଷୟରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। କବି, ସାହିତ୍ୟିକ ତଥା ଜ୍ୟୋତିଷ ବିଶାରଦ ପ୍ରଦୀପ ଜାଲ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅମିତାଭ କୁମ୍ଭାର ପଟେଲ ସଭା ପରିଚାଳନା କରିଥିବା ବେଳେ ମୋହନ ଚରଣ ବାଗ, ନାରାୟଣ ବୁଡ଼େକ, ସୁକୁମାର ସାହୁ, ସରୋଜ ରଣା, ଶତ୍ରୁଘ୍ନ ଗହୀର, ସାଧୁ ରଣା, ବିଷ୍ଣୁ ଭୋଇ, ନିରଞ୍ଜନ ରଣା ସହଯୋଗ କରିଥିଲେ। ନିରାକାର ସାହୁ ଧନ୍ୟବାଦ ଦେଇଥିଲେ।

## ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ 'ନୂଆ-ଓ' ଓଡ଼ିଶା ସାହିତ୍ୟ କାର୍ଯ୍ୟକ୍ରମ

**ବଲାଙ୍ଗିର, ୨୦।୧(ସମିସ):** ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପ୍ରଜ୍ଞାବିହାର ଆନୁକୂଲ୍ୟରେ ବିଶ୍ୱ ଓଡିଆ ଭାଷା ସମ୍ମିଳନୀର ଆୟୋଜନ ଏବଂ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ଉଦଘାଟନୀ ଉତ୍ସବରେ ନୂଆ-ଓ ପରିଯୋଜନା ଅଧୀନସ୍ଥ ଓଡିଆ ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ରାଜକିଶୋର ପାତ୍ର ଅଧ୍ୟକ୍ଷତା କରିଥିଲେ। ବିଶ୍ୱବିଦ୍ୟାଳୟ ଓଡିଆ ବିଭାଗର ମୁଖ୍ୟ ଡ. ସୁଶାନ୍ତ ପଣ୍ଡା ସଂଯୋଜନା କରିଥିଲେ। ପରିସଂଖ୍ୟାନ ବିଭାଗର ସହାୟକ ପ୍ରଫେସର ବିଷ୍ଣୁପ୍ରିୟା ବେହେରା ଧନ୍ୟବାଦ ଦେଇଥିଲେ। ସ୍ୱେଚ୍ଛାସେବୀ ସୁମନ ନନ୍ଦ, ହରିବଲ ସାହୁ, ରୋଶନ ସାହୁ, ପୂଜା ସାହୁ, ମାନସ ପଟେଲ, ସୋମ ମିଶ୍ର, ବବୁନ ଦଣ୍ଡସେନା, ବ୍ରହ୍ମାଚନ୍ଦ୍ରଳ ସାହୁ, ରୋଶନ ସାହୁ ସହଯୋଗ କରିଥିଲେ।

## ସାହିତ୍ୟ ଓ ସୃଜନଶୀଳତା ଉତ୍ସବ

**କେସିଙ୍ଗା, ୨୦।୧(ସମିସ):** କେସିଙ୍ଗା ବ୍ଲକ ଅନ୍ତର୍ଗତ ବାହାଦୁର ପଦର ସରକାରୀ ଉଚ୍ଚ ବିଦ୍ୟାଳୟରେ ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବରେ କବିତା ପଠନ, ମୋ କଥା ମୋ କାହାଣୀ, ଜିଜ୍ଞାସା, କୁଶଳୀ ଓ କ୍ରୀଡ଼ାଙ୍ଗନ କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ପ୍ରତିଭା ଅନ୍ୱେଷଣ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମରେ



ଯୋଗଦାନ କରି ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଜେନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଯୁବ ସମାଜସେବୀ ମହିପାଲ ପୋଡ଼ ଓ ମୁଖ୍ୟବକ୍ତା ଭାବେ ପୂର୍ବତନ ସେନା କର୍ମଚାରୀ ସତ୍ୟନାରାୟଣ ଖର୍ସେଲ ଯୋଗଦାନ କରିଥିଲେ। ବିଦ୍ୟାଳୟର ୫-ଟି କାର୍ଯ୍ୟ କରୁଥିବା ଠିକାଦାର ରାଧେଶ୍ୟାମ ଜୈନ୍, ୪ ନମ୍ବର ୱାର୍ଡ ସଭ୍ୟା ନିକିତା ରଣା ଓ ଶିକ୍ଷକ ମଦନ କୁମାର ଦାସ, ନୀଳମଣି ସିଂ, ଶିକ୍ଷୟିତ୍ରୀ ଅନିମା ମଲ୍ଲିକ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏଥିରେ ବିଦ୍ୟାଳୟର ଶିକ୍ଷକ ନରେନ୍ଦ୍ର ଦାସ୍, ଇସିତ୍ କୁମାର ଡାଙ୍ଗ, ବିଶ୍ୱାମିତ୍ର ସ୍ୱାଇଁ, ପ୍ରଦ୍ୟୁମ୍ନ ପ୍ରଧାନ, ରାଧା ଚରଣ ନିଆଲ, ବିପିନ୍ କୁମାର ଛତ୍ରିଆ ଓ ଯୋଗେଶ୍ୱର ବାଗ ମଞ୍ଚ ପରିଚାଳନା କରିଥିଲାବେଳେ ଶିକ୍ଷକ ମଦନ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଭିଜିଲାନ୍ସ ଜାଲରେ ଧରାପଡ଼ି ପ୍ରଧାନଶିକ୍ଷକ ଜେଲଗଲେ

**ଭବାନୀପାଟଣା/ଗାଇଗାଁ, ୨୦।୧(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅଧମୁଣ୍ଡାସ୍ଥିତ ସରକାରୀ ଏସ୍‌ଏସ୍‌ଡି ହାଇସ୍କୁଲର ପ୍ରଧାନଶିକ୍ଷକ ଅଗସ୍ତି ସାହୁ ଜଣେ ଠିକାଦାରଙ୍କଠାରୁ ୫୦ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ି ଶନିବାର ଜେଲ ଯାଇଛନ୍ତି। ସ୍କୁଲ ରୂପାନ୍ତରୀକରଣ ବାବଦରେ ୨୨ ଲକ୍ଷ ୫୩ ହଜାର ୮୫୮ ଟଙ୍କାର ଫାଇନାଲ ବିଲ କରିଦେବାକୁ ଠିକାଦାର ଯୁଧିଷ୍ଠିର ଭଗତଙ୍କଠାରୁ ପ୍ରଧାନଶିକ୍ଷକ ୫୦ ହଜାର ଟଙ୍କା ଲାଞ୍ଚ ନେଇ ଧରାପଡ଼ିଥିଲେ। ଏନେଇ କୋରାପୁଟ ଭିଜିଲାନ୍ସ କେସ୍ ନଂ ୦୩/୨୦୨୪ରେ ଏକ ମାମଲା ରୁଜୁ କରାଯାଇ ତାଙ୍କୁ ଗିରଫ କରିଥିଲା।

# 'ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ଜରୁରୀ'

**ନର୍ଲା, ୨୦।୧(ସମିସ)**

ଓଡ଼ିଆ ଭାଷା, ସାହିତ୍ୟର ସୁରକ୍ଷା ଦିଗରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ସୃଜନଶୀଳ ପ୍ରତିଭାକୁ ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ବିଭିନ୍ନ ସ୍ତରରେ ଉଦ୍ୟମ ହେଉଛି। ଏଥିପାଇଁ ବିଦ୍ୟାଳୟ ଗୁଡିକରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତିଭାକୁ ବିକଶିତ କରାଯାଉଛି। ଏହି କାର୍ଯ୍ୟକ୍ରମ ନର୍ଲା ବ୍ଲକର ବିଭିନ୍ନ ସ୍କୁଲ ଓ ମହାବିଦ୍ୟାଳୟରେ ଆୟୋଜିତ ହେଉଛି। ଭୀମକେଲାସ୍ଥିତ ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାପୀଠରେ ପ୍ରଧାନଶିକ୍ଷକ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସଭାରେ ସ୍ଥାନୀୟ ସରପଞ୍ଚ ଜାନକୀ ଗଉଡ, ସମିତିସଭ୍ୟା ସୁମିତ୍ରା ମାଝୀ, ପରିଚାଳନା କମିଟିର ୫ଜ ସା ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ କାର୍ଯ୍ୟକ୍ରମ ମାଧ୍ୟମରେ ଉତ୍ସାହିତ କରିଥିଲେ। ୧୫ଦିନ ଧରି ବିଦ୍ୟାଳୟରେ ସାହିତ୍ୟ ସୃଜନୀ କ୍ଲବ, କୌଶଳ କ୍ଲବ ମାଧ୍ୟମରେ ଶିଶୁ ମାନଙ୍କ ଦ୍ୱାରା କବିତା, ପ୍ରବନ୍ଧ ଲିଖନ, ବିତର୍କ, ଓଡ଼ିଆ ଲୋକନୃତ୍ୟ, କୁଇଜ୍ ଆଦି ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ପୁସ୍ତିକାଗୁଡିକୁ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟଙ୍କ ସହ ଅଭିଭାବକ, ପୁରାତନ ଛାତ୍ରଛାତ୍ରୀ ତଥା ବିଦ୍ୟାଳୟ ସାହିତ୍ୟ ଶିକ୍ଷକ ନୃସିଂହ ଚରଣ ଦଳାଇ, କେଶବ ଚନ୍ଦ୍ର ମହାପାତ୍ର, ରାଜୀବ ଦାଶ, ବିନୟ କିଶୋର ଦାଶ, ସଞ୍ଜୟ ସେନାପତି, ଗଙ୍ଗାଧର ରଣା, ସୁକାନ୍ତ ମହାନ୍ତି ପ୍ରମୁଖ ଶିକ୍ଷକ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶିଶୁ ମାନଙ୍କ ଦ୍ୱାରା ଶେଷରେ କ୍ରୀଡାଙ୍ଗନ କାର୍ଯ୍ୟ କରାଯାଇଥିଲା। କେଶବ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ନର୍ଲାସ୍ଥିତ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟରେ ଅଧ୍ୟକ୍ଷ ନାରାୟଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସଭାପତି କ୍ଷୀରସିନ୍ଧୁ ସାହୁ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଆୟୋଜିତ ପ୍ରତିଯୋଗିତା ତଦାରଖ ପାଇଁ ବିଚାରକ ଭାବରେ ଯୁବ ଲେଖକ ତିଲେଶ୍ୱର ରଣା, ଗାଳ୍ପିକ ତଥା ଶିକ୍ଷକ ସୁଧୀର ଧଙ୍ଗଡା ମାଝୀ ଓ ଶିକ୍ଷକ ଯଜ୍ଞସେନ ପଧାନ ଉପସ୍ଥିତ ରହି ଓଡ଼ିଆ ଭାଷା ଓ ସଂସ୍କୃତି ପ୍ରତି ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଓଡ଼ିଆ ଅଧ୍ୟାପକ ସୁଶାନ୍ତ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନର୍ଲା ବ୍ଲକ ଅନ୍ତର୍ଗତ ରୁପ୍ରାରୋଡ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅଭୟ ଗଡ଼ତିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି ଉତ୍ସବରେ ମୁଖ୍ୟଅତିଥି ରୂପେ ନର୍ଲା ବ୍ଲକ ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି ଯୋଗ ଦେଇଥିବା ବେଳେ ଆଇନଜୀବୀ ସୁବାଷ ଅଗ୍ରୱାଲ, ଧୀରେନ୍ଦ୍ର ଖେତାନ, ସୁମିତ ଅଗ୍ରୱାଲ ଓ ସରପଞ୍ଚ ହେମନ୍ତ ଭୋଇ ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ଥିଲେ।

## ବିଦ୍ୟାଳୟସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ

**କଳମପୁର, ୨୦।୧(ସମିସ):** କଳାହାଣ୍ଡି ଜିଲ୍ଲା କଳମପୁର ଗୋଷ୍ଠୀ ଶିକ୍ଷା ଅଧୀନ କୋଟାଗାଁ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ମହାଆଡମ୍ବରରେ ପାଳିତ ହୋଇଯାଇଛି। ଆୟୋଜିତ ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଭାବେ କୋଟାଗାଁ ପଞ୍ଚାୟତ ସରପଞ୍ଚ ଚନ୍ଦନ କୁମାର ପଣ୍ଡା, ମୁଖ୍ୟବକ୍ତା ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ହରିଶଙ୍କର ବାଗ, ସମ୍ମାନିତ ଅତିଥି ସମାଜସେବୀ କୁନ୍ତଭଟ୍ଟ ମାଝୀ ଯୋଗ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଅନୁଷ୍ଠିତ ବାର୍ଷିକ ଉତ୍ସବର ମୁଖ୍ୟଅତିଥି ଭାବରେ କଳମପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ନାଏକ, ମୁଖ୍ୟବକ୍ତା ଏବିଇଓ ସୁଶିଲ ମୁଣ୍ଡ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହରେରାମ ଦୀପ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ କୁଷଧଜ ଛତ୍ରିଆ ବିବରଣୀ ପାଠ କରିଥିଲେ।




ସରକାରଙ୍କ ଏହି ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବରେ ପାରଦର୍ଶିତା ହାସଲ କରିଥିବା ମହାନଦୀ ହାଉସକୁ ଏବର୍ଷର ଶ୍ରେଷ୍ଠ ହାଉସ ରୂପେ ଘୋଷଣା କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ଅଭୟ କୁମାର ତାଣ୍ଡି ଏବଂ ଜିତେନ୍ଦ୍ର ତାଣ୍ଡି ମଞ୍ଚ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଅଭିମନ୍ୟୁ ମାଣିକ, ନିଳାଞ୍ଚଳ ବାଗ, ବଳରାମ ସା, ମାଇକେଲ କଣ୍ଡରା, ଅମ୍ବିକା ଧଙ୍ଗଡାମାଝୀ, ଜୟପ୍ରକାଶ ମେହେର ସହଯୋଗ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ପ୍ରଧାନଶିକ୍ଷକଙ୍କ ଦ୍ୱାଦଶାହରେ ସାମିଲ ହେଲେ ଶିକ୍ଷକ ସଂଘ

**କୋକସରା, ୨୦।୧(ସମିସ):** କୋକସରା ବ୍ଲକ ମୁଷାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସ୍ୱର୍ଗତ କ୍ଷୀରୋଦ କୁମାର ପଣ୍ଡାଙ୍କ ଦ୍ୱାଦଶାହରେ କୋକସରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସାମିଲ ହୋଇଛନ୍ତି। ସଂଘର ପ୍ରତିନିଧିମାନେ ତାଙ୍କ ବାସଭବନରେ ସ୍ୱର୍ଗତ ପଣ୍ଡାଙ୍କ ପରିବାର ସଦସ୍ୟଙ୍କୁ ସାକ୍ଷାତ କରି ସମବେଦନା ଜଣାଇବା ସହ ସଂଘ ତରଫରୁ ୧୮ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି। ସଂଘ ସଭାପତି ଗଗନ ବିହାରୀ ପଟ୍ଟନାୟକ, ସମ୍ପାଦକ ଦେବିସିଂ ମାଝୀ, କୋଷାଧ୍ୟକ୍ଷ ଈଶ୍ୱରୀ ପ୍ରସାଦ ଅଗସ୍ତି, ସନାତନ ପଣ୍ଡା, ତୁଳସୀରାମ ପଟେଲ, ରଞ୍ଜିତ ଖମାରୀ, ବବ୍ରୁବାହନ ସାହୁ, ପରମେଶ୍ୱର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



## ବିଦ୍ୟାଳୟସ୍ତରୀୟ ସାହିତ୍ୟ ଓ ସୃଜନଶୀଳତା ଉତ୍ସବ

**କୋକସରା, ୨୦।୧(ସମିସ) :** କୋକସରା ବ୍ଲକ ଆମପାଣି ବୁଢ଼ାରଜା ହାଇସ୍କୁଲରେ ବିଦ୍ୟାଳୟସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାଗ୍ୟବାନ ବାଗଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆମପାଣି ସରପଞ୍ଚ ରୁକ୍ମିଣୀ ବାଣ୍ଡୁଆ ମୁଖ୍ୟଅତିଥି, କୋକସରା ବ୍ଲକ ଆମ୍ରା ଅଧ୍ୟକ୍ଷ ଋତୁରାଜ ମାଝୀ ମୁଖ୍ୟବକ୍ତା, ଶିକ୍ଷକ ସୁରଜ୍ ତାଣ୍ଡି, ସୁଶ୍ରୀ ସୁଶିଳା ପୁଝାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ସାହିତ୍ୟ ସୃଜନୀ, ଜିଜ୍ଞାସା, କୌଶଳୀ ଓ କ୍ରୀଡ଼ାଙ୍ଗନ କ୍ଲବର ବିଭିନ୍ନ କଳାକୃତି ପ୍ରଦର୍ଶନ ହୋଇଥିଲା। ଶିକ୍ଷକ ଦୟାସଙ୍ଗ ନାଏକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଖେଳ ଶିକ୍ଷକ ଲୋକନାଥ ରାଉତ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ମନ୍ଦାକିନୀ ନାଏକ, ଶିକ୍ଷକ ଲୋକନାଥ ସାହୁ, ବିନୀତ କୁମାର ମିଶ୍ର, ସରୋଜ କୁମାର ପଢ଼ିଆରୀ, ଲିଜୟାନନ୍ଦ ସାହୁ, ଅମୂଲ୍ୟ କୁମାର ନାଏକ, ହିମାଂଶୁ ଶେଖର ମହାନନ୍ଦ, ତପନ କୁମାର ମେହେର, ସୁରେନ୍ଦ୍ର ଗଣ୍ଡ, ଖେଳ ଶିକ୍ଷକ ବିଶ୍ୱମ୍ଭର ଧଙ୍ଗଡାମାଝୀ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହେଯାଗ କରିଥିଲେ।



ସେହିପରି ବଡପୋଡାଗୁଡ଼ା ପଞ୍ଚାୟତ ହାଇସ୍କୁଲଠାରେ ମଧ୍ୟ ବିଦ୍ୟାଳୟସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ରବିନାରାୟଣ ଧଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କୋକସରା ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ରଶ୍ମିତା ନେତମ୍ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସୃଜନଶୀଳତାର ବିକାଶ ଉପରେ ବକ୍ତବ୍ୟ ରଖିଥିଲେ। ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାଏକ, ସିଆରସିସି ସୁମନ୍ତ କୁମାର ପାଢ଼ୀ, ଭଜମନ ନାଏକ, ଡମ୍ବରୁଧର ମାଝୀ, ନରେଶ ନାଏକ, ବେଣୁଧର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରଶାନ୍ତ କୁମାର ସାହୁ ପରିଚାଳନା କରିଥିଲେ। ଶିକ୍ଷକ କପିଳେନ୍ଦ୍ର ସିଂ, ଲକ୍ଷ୍ମୀଧର ସେନାପତି, ଉପେନ୍ଦ୍ର ରାଉତ, ଉଦୟଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ତେରେସିଂହା ହାଇସ୍କୁଲରେ ସୃଜନଶୀଳତାର ବିକାଶ ଉତ୍ସବ

**କର୍ଲାମୁଣ୍ଡା, ୨୦।୧(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ତେରେସିଂହା ସରକାରୀ ହାଇସ୍କୁଲଠାରେ 'ନୂଆ-ଓ' କାର୍ଯ୍ୟକ୍ରମ ଅନ୍ତର୍ଗତ ବିଶ୍ୱ ଓଡ଼ିଆ ଭାଷା ସମ୍ମେଳନ ଅବସରରେ ଭାଷା, ସାହିତ୍ୟ ଓ ସୃଜନଶୀଳତାର ବିକାଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଗରୁଡ଼ଧ୍ୱଜ ଗହୀରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅବସରପ୍ରାପ୍ତ ବିଇଓ ବିଜୟ କୁମାର ପୁରୋହିତ ମୁଖ୍ୟଅତିଥି, ଅବସରପ୍ରାପ୍ତ ଶିକ୍ଷକ ରାଜୀବଲୋଚନ ଗହୀର, ସୁବୀନ୍ଦ୍ର ରଣା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡମ୍ବରୁଧର ରଣା, ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଓଡ଼ିଆ ଭାଷା ଓ ସାହିତ୍ୟ ଉପରେ ଆଲୋକପାତ କରିବା ସହ ଛାତ୍ରଛାତ୍ରୀମାନଙ୍କର ସୃଜନଶୀଳତା ବୃଦ୍ଧିହେଲେ ତାହା ଭାଷା ସାହିତ୍ୟ ର ଅଭିବୃଦ୍ଧିରେ ସହାୟକ ହେବ ବୋଲି ମତପ୍ରକାଶ କରିଥିଲେ। ସହକାରୀ ଶିକ୍ଷକ ସୁଧୀର ରଞ୍ଜନ ସୁନା ସଭା ସଂଯୋଜନା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱରଚିତ କବିତା, ଗଳ୍ପ, ପାଣ୍ଡୁଲିପି (ପୁସ୍ତକମେଳା) ବିଜ୍ଞାନ ପ୍ରକଳ୍ପ, କମ୍ପ୍ୟୁଟରପ୍ରସ୍ତୁତ ଚିତ୍ର ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ରାଜେଶ ମାଝୀ, ପଙ୍କଜ ବାରିକ, ପ୍ରୀତମ ହବୋ, ପର୍ଶୁରାମ ଓଝା, ପ୍ରଶାନ୍ତ ସାହୁ, ରତନ ଭୋଇ, ସୂର୍ଯ୍ୟମଣି ରଣା, ବାସୁଦେବ ପଣ୍ଡା ଓ ପ୍ରସନ୍ନ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।




## ସମାଜସେବୀ ଲଳିତ ନାୟକଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ

**ବଲାଙ୍ଗିର, ୨୦।୧(ସମିସ):** ବିଶିଷ୍ଟ ସମାଜସେବୀ ଲଳିତ ନାୟକଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ଅନାଥାଶ୍ରମ ଓ ବୃଦ୍ଧାଶ୍ରମରେ ଲଳିତ ନାୟକ ଫାଉଣ୍ଡେସନ ତରଫରୁ ପାଳନ କରାଯାଇଛି। ଦେଓଗାଁ ବ୍ଲକ ସଲେପାଲିରେ ଥିବା ଗ୍ରାମମଙ୍ଗଳ ପାଠାଗାର ଶିଶୁଯତ୍ନ ଅନୁଷ୍ଠାନ ଓ ବୃଦ୍ଧାଶ୍ରମରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଫାଉଣ୍ଡେସନର ଅଧ୍ୟକ୍ଷ ଦୀପକ ରଞ୍ଜନ ନାୟକ ପରିଚାଳନା କରିଥିଲେ। ଲଳିତ ନାୟକ ଥିଲେ ଦୁଃଖୀ ଦରିଦ୍ର, ଅସହାୟ, ଶ୍ରମିକ ଖଟିଖିଆ ଲୋକଙ୍କ ସୁଖଦୁଃଖର ସାଥୀ। ଏହି ସଭାରେ ସୌମ୍ୟରଞ୍ଜନ ମିଶ୍ର ଧନ୍ୟବାଦ ଜଣାଇଥିଲେ। ପରେ ସମବେତ ଭୋଜନ ପରିବେଷିତ ହୋଇଥିଲା। ବିବେକାନନ୍ଦଙ୍କ ପଟେଲ, ଅଙ୍କୁଶ ପାଣ୍ଡିଆ, ତାପସ ରଞ୍ଜନ ମହାନ୍ତି, ଗୋବିନ୍ଦ ଶତପଥୀ, ବିକାଶ ସା, ପ୍ରିତମ ବରାଡ, ଦେବାଶିଷ ଦାସ, ଆଶିଷ ବାରିକ, ଅମରଜିତ ପଟେଲ, ଶୋଭନ ଅଗ୍ରୱାଲ, ଅପରମିତ ପରିଚ୍ଛା, ଜୟନାରାୟଣ ବୋହିଦାର, ବ୍ରଜଗୋପଲ ସିଂହ, ଉତ୍ତମ ବାରାଡ, ଶିବପ୍ରସାଦ ମିଶ୍ର, ହେପି ଉପସ୍ଥିତ ଥିଲେ।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

**କେଗାଁ, ୨୦।୧(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଆଞ୍ଚଳିକ ବସ୍ତରାନି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସାନଚେରଗାଁଠାରେ ଓଡ଼ିଶା ସରକାରଙ୍କର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ବାଳିକାମାନଙ୍କ ପାଇଁ ଆତ୍ମସୁରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଅନୁଷ୍ଠାନର ଅଧ୍ୟକ୍ଷ ତ୍ରିଲୋଚନ ସାହୁ, ମୁଖ୍ୟବକ୍ତା ଇଂରାଜୀ ଅଧ୍ୟାପକ ଶିଶିର କୁମାର ସାହୁ, ସମ୍ମାନିତ ଅତିଥି ଭାବେ ସୂଚନା ଓ ପ୍ରଯୁକ୍ତିବିଦ୍ୟା ଅଧ୍ୟାପକ ତପନ କୁମାର ଗହିର, ରସାୟନ ବିଭାଗ ଅଧ୍ୟାପକ ସୁଶାନ୍ତ କୁମାର ରଣା ଓ ଜୀବବିଜ୍ଞାନ ବିଭାଗ ଅଧ୍ୟାପକ ଥବିର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ଅଗସ୍ତି ସୁନାନି ପରିଚାଳନା କରିଥିବା ବେଳେ ସହଯୋଗ କରିଥିଲେ ଜୟଦେବ ପାଢ଼ୀ। ଏହି କାର୍ଯକ୍ରମ ରେ ୨୧୧ ଜଣ ଛାତ୍ରୀ ଆଠ ଦିନ ଧରି ଆତ୍ମସୁରକ୍ଷା ତାଲିମ ନେବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ୩୧ ତାରିଖରେ ଶିବିର ଉଦଯାପିତ ହେବ।




## ଆତ୍ମସୁରକ୍ଷା ତାଲିମ ଶବିର

**ନର୍ଲା, ୨୦।୧(ସମିସ):** ନର୍ଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ଭବାନୀ ଶଙ୍କର ଦାସଙ୍କ ତତ୍ତ୍ୱାବଧାନରେ ଶୁକ୍ରବାରଠାରୁ ବାଳିକା ଆତ୍ମସୁରକ୍ଷା ତାଲିମ ଶିବିର ଆୟୋଜିତ ହେଉଛି। ୧୯ ତାରିଖରୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଆଠଦିନ ଛାତ୍ରୀମାନଙ୍କୁ ପ୍ରତିକୂଳ ପରିସ୍ଥିତିରେ ନିଜ ସୁରକ୍ଷା କେଉଁ ଉପାୟରେ କରାଯାଇ ପାରିବ ସେ ନେଇ ଶାରୀରିକ ଓ ବୌଦ୍ଧିକସ୍ତରରେ ତାଲିମ ପ୍ରଦାନ କରାଯିବ। ଅଧ୍ୟକ୍ଷ ଶ୍ରୀ ଦାସଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ମାଷ୍ଟର ଟ୍ରେନର୍ ଭାବରେ ଗୀତାଞ୍ଜଳି ବୈଠାରୁ ଓ ଶୈଳ ମାଝୀ ବାଳିକାମାନଙ୍କୁ ବିଭିନ୍ନ କୌଶଳ ଶିକ୍ଷା ପ୍ରଦାନ କରିବେ। ଶୁକ୍ରବାର ପ୍ରଥମ ଦିନରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ମିନାକ୍ଷୀ ଦାସ, ଅଙ୍କିତା ଓଝା, ଲିପି ନାଗ ପ୍ରମୁଖ ମଞ୍ଚାସିନ ରହି ଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ। କ୍ରୀଡା ଶିକ୍ଷକ ସୁମନ୍ତ କୁମାର ପୂଝାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




## ବର୍ଡର ଚାମ୍ପିଅନ୍ ଟ୍ରଫି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ବେହେରା ଦଳ ବିଜୟୀ

**ବେହେରା, ୨୦।୧(ସମିସ)**

ଧର୍ମଗଡ଼ ବ୍ଲକ ବେହେରାଗୁଡାଠାରେ ଗତ ୧୦ତାରିଖ ଠାରୁ ବୋର୍ଡର ଚାମ୍ପିଅନ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଏଥିରେ ମୋଟ ୧୬ଟି ଦଳ ଭାଗ ନେଇଛନ୍ତି। ଗୁରୁବାର ଚଞ୍ଚରାଭାଡ଼ ଓ ବେହେରା ଦଳ ମଧ୍ୟରେ ଅନୁଷ୍ଠିତ ଖେଳରେ ବେହେରା ଦଳ ବିଜୟୀ ହୋଇଛି। ୧୦ଓଭର ବିଶିଷ୍ଟ ଖେଳରେ ବେହେରା ଦଳ ପ୍ରଥମେ ବ୍ୟାଟିଂ କରି ୧୨୯ ରନ କରିଥିବା ବେଳେ ଚଞ୍ଚରାଭାଡ଼ି ଦଳ ୧୦ଓଭରରେ ମାତ୍ର ୮୪ରନ ସଂଗ୍ରହ କରିଥିଲା। ମୁଖ୍ୟଅତିଥି ଭାବେ କୃଷି ସମବାୟ ସମିତି ସଭାପତି ଭବେଶ ଗଇନ୍ଥା, ସମ୍ମାନିତ ଅତିଥି ଅକ୍ଷୟ ଜେନା, ନିଳାମ୍ବର ପୋଡ଼, ଗୋରାଚାନ୍ଦ ଶବର, ସୁବୋଧ ମୁଣ୍ଡ, ଅଶୋକ ବୋଡେକ, ଅନିତା କୁଜୁର, ବିଷ୍ଣୁପ୍ରିୟା ଜେନା, ଅନ୍ନପୂର୍ଣ୍ଣା ବିଶ୍ୱାଳ, ଚିଙ୍କୁ ପଣ୍ଡା, ବିଳାସିନୀ ଦୁରିଆ ପ୍ରମୁଖ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅରୁଣ ବେମାଲ ଓ ଲଙ୍କେଶ୍ୱର ବେମାଲ ଖେଳ ପରିଚାଳନା କରିଥିଲେ। ଆୟୋଜକ କମିଟି ସଦସ୍ୟ କ୍ଷୀରସିନ୍ଧୁ ସାହୁ, ସୌମ୍ୟରଞ୍ଜନ ଗୋପାଳ, ଗଜେନ୍ଦ୍ର ଚିଲାଗୁନ, ସୁନୀଲ ହଂସ, ଆକାଶ ଛତ୍ରିଆ, ସାମ୍ବାଦିକ ଶୋଭିତ ଗାନ୍ଧୀ, ସରପଞ୍ଚ ପ୍ରତିନିଧି ଗଗନେଶ୍ୱର ବେମାଲ, ଦେବେନ୍ଦ୍ର ନାଏକ ଓ ସୀମାଞ୍ଚଳ ବାରିକ ପ୍ରମୁଖ ସହଯୋଗ କରିଥିଲେ।



# ଅନ୍ତନଦୀ ଜଳାଶୟ ପ୍ରକଳ୍ପ ପାଇଁ ଶିଳାନ୍ୟାସ




**ବୀରମହାରାଜପୁର/ସୁବଳୟା, ୨୦।୧ (ସମିସ):** ବୀରମହାରାଜପୁର ବ୍ଲକ ଜଟେସିଂହାଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନ୍ତନଦୀ ଜଳାଶୟ ପ୍ରକଳ୍ପକୁ ଭିଡିଓ କନଫରେନସ ଦ୍ୱାରା ଶିଳାନ୍ୟାସ କରିଛନ୍ତି। ଜଟେସିଂହା ହାଇସ୍କୁଲ ପରିସରରେ ଅନୁଷ୍ଠିତ ଶିଳାନ୍ୟାସ ଉତ୍ସବରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ସୁବର୍ଣ୍ଣପୁର ଜିଲ୍ଲାପାଳ ବିମଳେନ୍ଦୁ ରାଏ, ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଜିଲ୍ଲା ପରିଷଦ ସଭ୍ୟା ଚନ୍ଦ୍ରକାନ୍ତି ଦନ୍ତା, ନିର୍ବାହୀ ଯନ୍ତ୍ରୀ ଜିତେନ୍ଦ୍ର ପାଢ଼ୀ, ପ୍ରକଳ୍ପ ନିର୍ଦ୍ଦେଶକ ଅଶ୍ୱିନୀ ମେହେର, ଉପ ଜିଲ୍ଲାପାଳ ଲଲାଟେନ୍ଦୁ ସି, ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ବିଜେଡି ବ୍ଲକ ସଭାପତି ଶୟମ୍ଭୁନାଥ ଖଣ୍ଡଗିରି, ଓଡ଼ିଶା ମୋ ପରିବାର ଜିଲ୍ଲା ସଂଯୋଜକ ରଞ୍ଜିତ ରଥ, ସମିତି ସଭ୍ୟ ସଂଘ ସଭାପତି ଲକ୍ଷ୍ମୀ ନାରାୟଣ ପୁରୋହିତ, ସରପଞ୍ଚ ସଂଘ ସଭାପତି ଶ୍ରୀୟା କର୍ମୀ, ସ୍ଥାନୀୟ ସରପଞ୍ଚ ସୁନୀତା ପଧାନ, ସମିତି ସଭ୍ୟା ରଶ୍ମିତା ପାଣ୍ଡେ, ସରପଞ୍ଚ, ସମିତିସଭ୍ୟ, ସ୍ୱୟଂ ସହାୟକ ଗୋଷ୍ଠିର ମହିଳା ଉପସ୍ଥିତ ଥିଲେ। ଯୁବଚାଷୀ ବିବାସ୍ୱତୀ ପଣ୍ଡା ଚାଷୀ ମାନଙ୍କ ତରଫରୁ ଧନ୍ୟବାଦ ଅର୍ପଣ କରିଥିଲେ।



# ବହୁ ପ୍ରତୀକ୍ଷିତ ଖଇରମାଳ, ଖଡଙ୍ଗ ଜଳାଶୟ ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପିତ

**ମନମୁଣ୍ଡା/ଶଗଡ଼ା, ୨୦।୧(ସମିସ)**

ଓଡ଼ିଶାର ୧୩ଟି ଜିଲ୍ଲାରେ ୧୯ଟି ଇନଷ୍ଟ୍ରିମ ଷ୍ଟୋରେଜ ଷ୍ଟ୍ରକ୍ଚର (ଆଇଏସଏସ) ଅର୍ଥାତ୍ ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ନିର୍ମାଣ ହେବ। ଏଥିପାଇଁ ୪୬୦୦ କୋଟି ଟଙ୍କା ବ୍ୟୟ ହେବ। ଆଇଏସଏସ ଦ୍ୱାରା ବିନା ବିସ୍ଥାପନରେ ମହାନଦୀ ଓ ଅନ୍ୟ ନଦୀ ଗର୍ଭରେ ବୃହତ୍ ଜଳାଶୟ ସୃଷ୍ଟି ହେବ। ତନ୍ମଧ୍ୟରୁ ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖଇରମାଳ (ମନମୁଣ୍ଡା) ମହାନଦୀରେ ବହୁ ପ୍ରତିକ୍ଷୀତ ଆଇଏସଏସ ନିର୍ମାଣ ହେବ। ଏହି ପ୍ରକଳ୍ପ ପାଇଁ ୯୨୫ କୋଟି ୫୯ ଲକ୍ଷ ଟଙ୍କା ବ୍ୟୟ ଅଟକଳ ଧାର୍ଯ୍ୟ କରାଯାଇଛି।

ସେହିପରି କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ ଲଣ୍ଡାଗାଁ ଖଡଙ୍ଗ ନଦୀଠାରେ ୧୯୯ କୋଟି ୯୧ ଲକ୍ଷ୍ୟ ଟଙ୍କା ବ୍ୟୟ ଅଟକଳରେ ମଧ ଏକ ବ୍ୟାରେଜ୍ ନିର୍ମାଣ ହେବ। ଅନ୍ୟ ପ୍ରକଳ୍ପ ସହ ଏହି ଦୁଇ ପ୍ରକଳ୍ପକୁ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ଶିଳାନ୍ୟାସ ତଥା ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। କଣ୍ଟାମାଳ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କଣ୍ଟାମାଳ ବିଧାୟକ ମହିଧର ରଣା, ସମ୍ମାନିତ ଅତିଥିଭାବେ ବୌଦ୍ଧ ଜିଲ୍ଲାପାଳ ନୃସିଂହ ଚରଣ ସ୍ୱାଇଁ, ବୌଦ୍ଧ ଜଳ ସମ୍ପଦ ନିର୍ବାହୀ ଯନ୍ତ୍ରୀ, ବିଭାଗୀୟ ଅନ୍ୟ ଯନ୍ତ୍ରୀ, କଣ୍ଟାମାଳ ବିଡ଼ିଓ, କଣ୍ଟାମାଳ ତହସିଲଦାର ଓ ଜିଲ୍ଲାର ଅନେକ ଅଧିକାରୀଙ୍କ ସମେତ ଜନସାଧାରଣ ଜନତା ଉପସ୍ଥିତ ଥିଲେ।

ଜଳ ସମ୍ପଦ ବିଭାଗର ଏ ସମ୍ପର୍କିତ ପ୍ରସ୍ତାବକୁ ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ଜଳ ସମ୍ପଦ ବିଭାଗ ଟେଣ୍ଡର ମଧ ଆହ୍ୱାନ କରିଛି। ଖଇରମାଳ ପ୍ରକଳ୍ପ ବୌଦ୍ଧ ଜିଲ୍ଲା ବିଶେଷ କରି ମନମୁଣ୍ଡା ଅଞ୍ଚଳ ସମେତ ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାପୁର ଉପଖଣ୍ଡ ଅଞ୍ଚଳବାସୀଙ୍କ ପାଇଁ ଅପାର ସମ୍ଭାବନା ସୃଷ୍ଟି କରିଛି। ଉପରମୁଣ୍ଡ ଛତିଶଗଡ଼ ସରକାର ଏକାଧିକ ବ୍ୟାରେଜ




ନିର୍ମାଣ କରିବା ପରେ ଓଡ଼ିଶାର ଜୀବନ ରେଖା ମହାନଦୀରେ ଅଣ ମୌସୁମୀ ସମୟରେ ଜଳ ପ୍ରବାହ ଯଥେଷ୍ଟ ହ୍ରାସ ପାଇଥିଲା। ମହାନଦୀ ଓ ଶାଖା ନଦୀଗୁଡ଼ିକରେ ଜଳ ଉପଯୋଗ ଯୋଜନାକୁ ନେଇ ପୂର୍ବରୁ ଓଡ଼ିଶା ସରକାର ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିଥିଲେ। ସରକାରଙ୍କ ପକ୍ଷରୁ ମହାନଦୀରେ ଏକାଧିକ ବ୍ୟରେଜ୍ ନିର୍ମାଣ କରିବାକୁ ୨୦୧୭ରେ ବିଧିବଦ୍ଧ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପ୍ରାଥମିକସ୍ତରରେ ସର୍ଭେ ପରେ ଟେକ୍ନିକାଲ ଆଡଭାଇଜରି କମିଟି(ଟିଏସି) ରେ ଅନୁମୋଦନ ମଧ ମିଳିଥିଲା। ୨୦୨୩-୨୪ ଆର୍ଥିକ ବର୍ଷ ବଜେଟ୍‌ରେ ଖଇରମାଳ ବ୍ୟାରେଜ ନିର୍ମାଣ ସମ୍ପର୍କରେ ଘୋଷଣା ହୋଇଥିଲା। ମହାନଦୀ ଓ ତେଲନଦୀ ସଙ୍ଗମ ସ୍ଥଳ ମନମୁଣ୍ଡା ସହରଠାରୁ ମାତ୍ର ୨ କିମି ଦୂର ଖଇରମାଳରେ ଇନଷ୍ଟ୍ରିମ ଷ୍ଟୋରେଜ ଷ୍ଟ୍ରକ୍ଚର ପାଇଁ ବୌଦ୍ଧ ଜଳସମ୍ପଦ ବିଭାଗ ତରଫରୁ ୯୨୫ କୋଟି ୫୯ ଲକ୍ଷ ଟଙ୍କାର ଡିପିଆର୍ ପ୍ରସ୍ତୁତ ହୋଇଥିଲା। ପ୍ରକଳ୍ପ ପାଇଁ ପ୍ରଶାସନିକ ଅନୁମୋଦନ ମିଳିବାରେ ବିଳମ୍ବ ହୋଇଥିଲା। ଗତ ଜୁଲାଇ ୪ ତାରିଖରେ '୫-ଟି' ଅଧ୍ୟକ୍ଷ ପାଣ୍ଡିଆନ ମହାନଦୀ-ତେଲନଦି ସଙ୍ଗମ ସ୍ଥଳ ପରିଦର୍ଶନ କରି ଖଇରମାଳ ପ୍ରକଳ୍ପ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଶୀଘ୍ର ପ୍ରଶାସନିକ ଅନୁମୋଦନ ମିଳିବ ବୋଲି '୫-ଟି' ଅଧ୍ୟକ୍ଷ କହିଥିଲେ ଏବଂ ମିଳିଲା ମଧ। ସରକାରଙ୍କ ଅନୁମୋଦନ ମିଳିବା ପରେ ଆଇପିସି (ଇଞ୍ଜିନିୟରିଂ ପ୍ରୋକ୍ୟୋରମେଣ୍ଟ ଆଣ୍ଡ କାନ୍ସ୍ଟ୍ରକସନ) କନଟ୍ରାକ୍ଟ ବେସିସରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ମହାନଦୀ ଓ ତେଲନଦୀର ପାଣି ବର୍ଷା ଦିନରେ ସମୁଦ୍ରକୁ ବହି ଯାଉଥିଲା। ଜଳର ଠିକ୍ ଉପଯୋଗ ହୋଇ ପାରୁ ନ ଥିଲା। ଖରା ଦିନରେ ନଦୀ ଶୁଖିଲା ପଡୁଥିଲା। ପ୍ରକଳ୍ପ ନିର୍ମାଣ ସମ୍ପୂର୍ଣ୍ଣ ହେଲେ ସ୍ଥାନୀୟ ଅଞ୍ଚଳରେ ଭୂତଳ ଜଳ ସ୍ତର ବୃଦ୍ଧି ପାଇବା ସହ ଜଳ ସଂରକ୍ଷଣ, ପାନୀୟ ଜଳ, ମତ୍ସ୍ୟ ଚାଷ ସହ ଜଳ ପର୍ଯ୍ୟଟନ, ଶିଳ୍ପାନୁଷ୍ଠାନକୁ ଜଳ ଯୋଗାଣ, ହୋଟେଲ ଶିଳ୍ପର ସମ୍ଭାବନା ସୃଷ୍ଟି କରିବ। ନଦୀ ଶୁଖିଲା ପଡୁଥିଲାବେଳେ ବାଲି ଶଯ୍ୟା ଉତ୍ତପ୍ତ ରହୁଥିଲା। ଗରମ ଅନୁଭୂତ ହେଉଥିଲା। ନଦୀ ପୂର୍ଣ୍ଣଗର୍ଭା ରହିଲେ ଗରମରୁ ତ୍ରାହି ମିଳିବ। ଏହି ପ୍ରକଳ୍ପ ହେଲେ ବନ୍ୟା ନିୟନ୍ତ୍ରଣ ମଧ ହୋଇ ପାରିବ। ବୌଦ୍ଧ ଜିଲ୍ଲା ମନମୁଣ୍ଡା ଅଞ୍ଚଳର ଲକ୍ଷାଧିକ ଅଧିବାସୀ ଏହା ଦ୍ୱାରା ଉପକୃତ ହେବେ। ପାନୀୟ ଜଳର ଚାହିଦା ପୂରଣ ସହିତ ମହାନଦୀ ଓ ତେଲନଦୀ ବେସିନରେ ନିର୍ମାଣ ହୋଇଥିବା ମେଗା ଉଠା ଜଳ ସେଚନ ପ୍ରକଳ୍ପ ରବି ଋତୁରେ ଜମିକୁ ଜଳ ସେଚିତ କରି ପାରିବ। ଜଳ ଚାହିଦା ପୂରଣ, କୃଷିରେ ଉପଯୋଗ ଓ ସମୁଦ୍ରକୁ ବହି ଯାଉଥିବା ଜଳ ସଂରକ୍ଷଣ ପାଇଁ ଏହି ପ୍ରକଳ୍ପ ବିଶେଷ ସହାୟକ ହେବ।

ସେହିପରି ଖଡ଼ଙ୍ଗ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ କଣ୍ଟାମାଳ ବ୍ଲକ ସହ କନ୍ଧମାଳ ଜିଲ୍ଲା ବାଲିଗୁଡା ଏବଂ ବଲାଙ୍ଗିର ଜିଲ୍ଲା ଗୁଡ଼ଭେଲା ଅଞ୍ଚଳର ହଜାର ହଜାର ହେକ୍ଟର ଜମି ଦୁଇ ଋତୁରେ ଚାଷ ହୋଇ ପାରିବ। ଚାଷୀ ଉପକୃତ ହେବେ। ମରୁଡ଼ିରୁ ରକ୍ଷା ପାଇ ପାରିବେ। ଏହି ପ୍ରକଳ୍ପ ଭିତ୍ତି ପ୍ରସ୍ତର ପରେ ଅଞ୍ଚଳରେ ଆନନ୍ଦର ଲହରୀ ଖେଳିଯାଇଛି।

# ପୂର୍ବଶତ୍ରୁତାରୁ ଯୁବକଙ୍କୁ ହତ୍ୟା

**ତରଭା, ୨୦।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ଥାନା ମେଣ୍ଡା ଗାଁରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଶନିବାର ଜଣେ ଯୁବକକୁ ହତ୍ୟା କରାଯାଇଛି। ମୃତ ଯୁବକ ଜଣକ ହେଲେ ମେଣ୍ଡା ଘାସିପଡ଼ାର ରାଧାକାନ୍ତ ହାତୀଙ୍କ ପୁଅ ସନ୍ତୋଷ ହାତୀ (୪୨)। ତରଭା ପୁଲିସ ଶବ ଜବତ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ ରଣାପଡ଼ାର ୬ଜଣଙ୍କୁ ଥାନାକୁ ଆଣି ପଚରାଉଚରା କରୁଥିବା ଆଇଆଇସି ଅନିତା କିଡୋ କହିଛନ୍ତି। ଘଟଣାକୁ ନେଇ ଦଳିତ ବସ୍ତିରେ ଉତ୍ତେଜନା ଲାଗିରହିଛି। ସେମାନେ ମେଣ୍ଡା ଫାଣ୍ଡି ଘେରଉ କରିଥିଲେ। ସୋନପୁର ଏସଡିପିଓ ଓ ତରଭା ଆଇଆଇସି ଘଟଣାସ୍ଥଳରେ ପହଞ୍ଚି ସ୍ଥିତିର ଅନୁଧ୍ୟାନ କରିଛନ୍ତି।

**୬ ଅଟକ, ଉତ୍ତେଜନା**
**ଫାଣ୍ଡି ଘେରଉ**

ଶନିବାର ଅପରାହ୍ଣ ୩ଟା ବେଳେ ସନ୍ତୋଷ ହାତୀ ଓ ତାର ଜଣେ ସାଙ୍ଗ ନିରଞ୍ଜନ କୁଦେଇ (୪୦) ମେଣ୍ଡାର ଖାରୀବନ୍ଧକୁ ଗାଧୋଇବାକୁ ଯାଇ କୁଆଡେ ଗାଳିଗୁଳଜ କରୁଥିଲେ। ଏମାନଙ୍କ ସହ ପୂର୍ବରୁ ରଣାପଡ଼ାର ରାଜେଶ ରଣା ସହିତ ଗଣ୍ଡଗୋଳ ହୋଇଥିଲା। ସେହି ଘଟଣାକୁ ନେଇ ରାଜେଶକୁ ସେମାନେ ଗାଳିଗୁଳଜ କରୁଥିବା ନେଇ ରାଜେଶ ତାଙ୍କ ସହ ବଚସା କରିଥିଲା। ସେହି ଘଟଣାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ମାଡ଼ ମରାମରି ହୋଇଥିଲା। ଏହି ଗଣ୍ଡଗୋଳରେ ସନ୍ତୋଷ ହାତୀର ମୁଣ୍ଡରେ ଆଘାତ ଲାଗିବାରୁ ସେ ଘଟଣାସ୍ଥଳରେ ଟଳି ପଡ଼ିଥିଲେ। ତାଙ୍କ ସାଙ୍ଗ ଜଣକ ସାମାନ୍ୟ ଆହତ ହୋଇ ସେଠାରୁ ଫେରାର ମାରିଥିଲେ। ସନ୍ତୋଷଙ୍କ ପରିବାର ଏ ବିଷୟରେ ଖବର ପାଇ ଘଟଣା ସ୍ଥଳକୁ ଆସିଥିଲେ। ଏଣୁ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣା ବିଷୟରେ ଖବର ପାଇ ମେଣ୍ଡା ଫାଣ୍ଡି ଅଧିକାରୀ ରବୀନ୍ଦ୍ର ସାହୁ ଫୋର୍ସ ସହ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ଖବର ପାଇ ସୋନପୁର ଏସ୍‌ଡିପିଓ ପ୍ରତାପ ତ୍ରୀପାଠୀ ଓ ଆଇଆଇସି ଅନୀତା କିଡୋ ସଦଳବଳେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ପରେ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ତରଭା ଥାନାରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି। ପୁଲିସ ତଦନ୍ତ ଆରମ୍ଭ କରିଛି।

ତେବେ ଗତ କିଛିଦିନ ହେଲା ତରଭା ଥାନା ଅଞ୍ଚଳ ଅଶାନ୍ତ ହୋଇପଡ଼ିଛି। ଗତ କିଛିଦିନ ତଳେ ଦେଉଳପଦର-ପୁଆ ମଝିରେ ସୁକତେଲ ନଦୀରେ ଥିବା ବ୍ରିଜର ମେନହୋଲରୁ ଜଣେ ଅଜଣା ଯୁବତୀଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର କରାଯାଇଥିଲା। ସେହି ଘଟଣାର ପୁଲିସ ଟେର୍ ପାଉନାହିଁ। ଏହାକୁ ନେଇ ପୁଲିସର ଭୂମିକା ପରେ ଲୋକଙ୍କ ସନ୍ଦେହ ପ୍ରକାଶ ପାଉଛି। ସେହିପରି ଦୁଇଦିନ ତଳେ ସରଗଜ ପଞ୍ଚାୟତର ସିଲାଟିମୁଣ୍ଡାର ଜଣେ ପଞ୍ଚମ ଶ୍ରେଣୀ ଛାତ୍ରକୁ ରାଜନୈତିକ ଶତ୍ରୁତାରୁ ବିଷଦେଇ ହତ୍ୟା ଉଦ୍ୟମ ହୋଇଥିଲା। ଏହାକୁ ନେଇ ତରଭା ଅଞ୍ଚଳରେ ଅସନ୍ତୋଷ ବଢ଼ିଛି। ଶେଷରେ ଏହି ହତ୍ୟାକାଣ୍ଡ ଘଟଣା ପରେ ମେଣ୍ଡା ଫାଣ୍ଡି ଅଞ୍ଚଳରେ ବଢୁଥିବା ଅପରାଧକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି।

# ଏକଦିବସୀୟ ନିଶୁଳ୍କ ଯୋଗ ଶିବିର

**ବଲାଙ୍ଗିର, ୨୦।୧(ସମିସ):** ସ୍ଥାନୀୟ କୋଶଳ କଳାମଣ୍ଡଳ ପଡ଼ିଆଠାରେ ପତଞ୍ଜଳି ପରିବାର ବଲାଙ୍ଗିର ଆନୁକୂଲ୍ୟରେ ଏକଦିବସୀୟ ନିଶୁଳ୍କ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଯୋଗ ଋଷି ସ୍ୱାମୀ ରାମଦେବଜୀ ମହାରାଜଙ୍କ ପରମ ଶିଷ୍ୟ ତଥା ପତଞ୍ଜଳି ଯୋଗ ପୀଠ, ହରିଦ୍ୱାରର ମୁଖ୍ୟ କେନ୍ଦ୍ରୀୟ ପ୍ରଭାରୀ ପରମ ଆଦରଣୀୟ ଡ. ସ୍ୱାମୀ ପରମାର୍ଥ ଦେବଜୀ ଉପସ୍ଥିତ ଶହ ଶହ ଲୋକଙ୍କୁ ଯୋଗ ପ୍ରାଣାୟାମ ଆସନର ଅଭ୍ୟାସ କରାଇବା ସହିତ ସୁସ୍ଥ ଜୀବନ, ବିକାର ରହିତ ମନ ଓ ଆତ୍ମିକ ଉତ୍ଥାନ ପାଇଁ ଯୋଗ ଅପରିହାର୍ଯ୍ୟ ବୋଲି ମତ ପ୍ରକାଶ କରିଥିଲେ। ଯୋଗ ସବୁ ସମସ୍ୟାର ସମାଧାନ ବୋଲି ସେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଭାରତ ସ୍ୱାଭିମାନ ରାଜ୍ୟ ପ୍ରଭାରୀ ସୁଧାଂଶୁ ଅଧିକାରୀ, ପତଞ୍ଜଳି ଯୋଗ ସମିତି ରାଜ୍ୟ ପ୍ରଭାରୀ ରାଧା ମାଧବ ବହିଦାର, ରାଜ୍ୟ ମହିଳା ପ୍ରଭାରୀ ଗିରିଜା ଦେବୀ, ରାଜ୍ୟ କିଷାନ ପ୍ରଭାରୀ ସ୍ୱୟଂପ୍ରକାଶ ଦୌ÷ତକ ମହାପାତ୍ର ରାଜ୍ୟ ଯୁବ ପ୍ରଭାରୀ ଅମିତାଂଶୁ ପ୍ରଧାନ, ରାଜ୍ୟ ମିଡିଆ ପ୍ରଭାରୀ କ୍ଷୀତିଶ ପଟ୍ଟନାୟକ, ରାଜ୍ୟ କାର୍ଯ୍ୟାଳୟ ପ୍ରଭାରୀ ସୂର୍ଯ୍ୟକାନ୍ତ ମହାନ୍ତିଙ୍କ ସହ ରାଜ୍ୟ ଭାରତ ସ୍ୱାଭିମାନ ପ୍ରଭାରୀ ଅକ୍ରୁର ମାର୍ଥା, ସହ ରାଜ୍ୟ ଯୁବ ଭାରତ ପ୍ରଭାରୀ ଯୁବରାଜ ଜି ଅତିଥି ଭାବରେ ଯୋଗଦାନ କରି ଯୋଗମୟ ଭାରତର ନିର୍ମାଣ ପାଇଁ ଆହ୍ୱାନ ଦେଇଥିଲେ। ଯୋଗ ଶିବିରରେ ଏକ ଯୋଗ ଜାଗରଣ ଯାତ୍ରା କଳା ମଣ୍ଡଳ ପଡ଼ିଆଠାରୁ ମାରୱାଡି ସେବା ସଦନ ପର୍ଯ୍ୟନ୍ତ ସହର ପରିକ୍ରମା କରାଯାଇଥିଲା। ସେଠାରେ ବାରଟି ଜିଲ୍ଲାରୁ ଆସିଥିବା ଜିଲ୍ଲା ପ୍ରଭାରୀ ଓ ତହସିଲ ପ୍ରଭାରୀମାନଙ୍କୁ ନେଇ ମଣ୍ଡଳସ୍ତରୀୟ କାର୍ଯ୍ୟକର୍ତ୍ତା ବୈଠକ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଭାରତ ସ୍ୱାଭିମାନ ଜିଲ୍ଲା ପ୍ରଭାରୀ ରଘୁନାଥ ଷଡଙ୍ଗୀ, ଯୋଗ ସମିତି ପ୍ରଭାରୀ ଅଶୋକ ଅଗ୍ରୱାଲ, ମହିଳା ପ୍ରଭାରୀ ସୁଜାତା ଦିଶ୍ରୀ, ପ୍ରଭାରୀ ଜ୍ୟୋତି ପ୍ରକାଶ ସାହୁ ପରିଚାଳନା କରିଥିବା ବେଳେ ଦଇତାରୀ ସାହୁ, ଉପେନ୍ଦ୍ର ପ୍ରଧାନ, ସୂରଜ ବକୁଳ, ଧନୀରାମ ସାହୁ, ନିହାରିକା ମିଶ୍ର, ରୋଜା ଭଉଣୀ, ବାସନ୍ତୀ, ପ୍ରେମସିଲା ଭଉଣୀ ସହଯୋଗ କରିଥିଲେ।

## ଯୁବତୀଙ୍କ ନକଲି ଆଇଡିରେ ଅଶ୍ଳୀଳ ଫଟୋ ବ୍ୟବହାର

# ଧମକ ଦେଇ ଜେଲ୍‌ଗଲେ ଯୁବକ

**କଣ୍ଟାବାଞ୍ଜି, ୨୦।୧(ସମିସ):** କଣ୍ଟାବାଞ୍ଜି ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ଫଟୋକୁ ଅଶ୍ଳୀଳ ଭାବେ ତିଆରି କରିବା ସହ ତାଙ୍କର ନକଲି ଆଇଡି କରିଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ଜେଲ ଯିବାକୁ ପଡ଼ିଛି। ଜେଲ ଯାଇଥିବା ଯୁବକ ଜଣକ ହେଲେ ପାଟଣାଗଡ଼ର ଶେଷଦେବ ମେହେର (୩୦)। ପୁଲିସ ଦେଇଥିବା ସୂଚନା ଅନୁସାରେ ବେଲପଡ଼ା ଅଞ୍ଚଳରୁ ଆସି କଣ୍ଟାବାଞ୍ଜି ସହରରେ ରହୁଥିବା ଜଣେ ଯୁବତୀଙ୍କ ଫଟୋକୁ ଶେଷଦେବ ଅଶ୍ଳୀଳ ଭାବେ ତିଆରି କରି ଯୁବତୀଙ୍କ ସମ୍ପର୍କୀୟମାନଙ୍କୁ ପଠାଇବା ସହ ସୋସିଆଲ ମିଡିଆରେ ଏକ ନକଲି ଆଇଡି କରି ଉକ୍ତ ଫଟୋକୁ ମଧ ପୋଷ୍ଟ କରିଥିଲା। ସେହି ଆଇଡିରେ ଯୁବତୀଙ୍କୁ ମେସେଜ କରିବା ସହ ଧମକ ଦେଇଥିବା



ମଧ ଏତଲାରେ ଯୁବତୀ ଦର୍ଶାଇଛନ୍ତି। ପୁଲିସ ଏତଲା ଆଧାରରେ ଏକ ମକଦ୍ଦମା ରୁଜୁ କରି ପାଟଣାଗଡ଼ ଅଞ୍ଚଳର ସହଦେବକୁ ସନ୍ଦେହରେ ଥାନାରେ ଅଟକ ରଖି ପଚରାଉଚରା କରିବାରେ ସେ ଏହି ସବୁ କାମ କରିଥିବା ସ୍ୱୀକାର କରିବାରେ ତାକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଉକ୍ତ ଯୁବକକୁ ଜେଲ ପଠେଇ ଦିଆଯାଇଛି।

# ବିଭିନ୍ନ ଦାବିରେ ଚାଷୀଙ୍କ ୧୨ଘଣ୍ଟିଆ ଗୁଡ଼ଭେଲା ଏବଂ ତୁଷୁରା ବନ୍ଦ

**ତୁଷୁରା, ୨୦।୧(ସମିସ):** ଗୁଡଭେଲା ବ୍ଲକ ଏବଂ ତୁଷୁରା ଅଞ୍ଚଳର ସମସ୍ତ ଧାନ ମଣ୍ଡିମାନଙ୍କରେ ବେଆଇନ ଭାବରେ କୁଇଣ୍ଟାଲ ପ୍ରତି ୫ରୁ ୧୦ କେଜି ଧାନ କଟନିଛଟନି, ନୂଆଁପଡ଼ା ଚାଷୀ ଆତ୍ମହତ୍ୟା ଉଦ୍ୟମ ଏବଂ ଡିସେମ୍ବର ମାସ ପ୍ରଥମ ସପ୍ତାହରେ ବାତ୍ୟାରେ ଧାନ ଫସଲର କ୍ଷୟକ୍ଷତିର ସୂଚନା ଚାଷୀମାନଙ୍କୁ ତୁଷୁରା ପ୍ରଶାସନ ଦେଉ ନ ଥିବାରୁ ଶନିବାର ଦିନ ତୁଷୁରା ଏବଂ ଗୁଡଭେଲା ଅଞ୍ଚଳର



ଚାଷୀ, ୟୁଥ୍ ଏକ୍ସନ କମିଟି ଏବଂ ବିଭିନ୍ନ ଅନୁଷ୍ଠାନ ତରଫରୁ ୧୨ ଘଣ୍ଟା ବନ୍ଦ ଡାକରା ଦିଆଯାଇଥିଲା। ଫଳରେ ଲୋକେ ମଧ ବନ୍ଦକୁ ସମର୍ଥନ କରି ଗୁଡଭେଲା ବ୍ଲକ ଅଞ୍ଚଳରେ ଦୋକାନବଜାର, ଗାଡି ମଟର, ସରକାରୀ ବେସରକାରୀ ଅଫିସ ବନ୍ଦ କରିଥିଲେ। ଏହି ବନ୍ଦରେ ଟିଟିଲାଗଡ଼ର ସମାଜସେବୀ ନବୀନ ଜୈନ ଯୋଗଦେଇ ଚାଷୀମାନଙ୍କ ସହିତ ଧାରଣାସ୍ଥଳରେ ବସିଥିଲେ। ଆଗକୁ ଚାଷୀମାନଙ୍କୁ ସାମୁଦ୍ରିକ ବାତ୍ୟା ମିଗଜୋମର କ୍ଷୟକ୍ଷତିର ସୂଚନା ଦେବା ସହିତ କ୍ଷତିପୂରଣ ପ୍ରଦାନ ଏବଂ ଧାନ ମଣ୍ଡିମାନଙ୍କଠାରେ ଅସାଧୁ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନେଲେ ଆନ୍ଦୋଳନକୁ ତୀବ୍ର କରି ପୁରାପୁରି ପଶ୍ଚିମ ଓଡ଼ିଶା ବନ୍ଦ କରାଯିବ ବୋଲି ୟୁଥ୍ ଏକ୍ସନ କମିଟି ତରଫରୁ କୁହାଯାଇଛି।

# କାଶିବାହାଲ ସ୍କୁଲରେ ଭାଷା, ସାହିତ୍ୟ ଓ ସୃଜଶୀଳତା

**ଧର୍ମଗଡ଼, ୨୦।୧(ସମିସ):** ଧର୍ମଗଡ଼ ଏନ୍‌ଏସି କାଶିବାହାଲ ଗୁରୁଜୀ ମଧୁସୂଦନ ଉଚ୍ଚବିଦ୍ୟାଳୟରେ ଭାଷା, ସାହିତ୍ୟ ଓ ସୃଜଶୀଳତାର ଉତ୍ସବ ସମାରୋହ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁବାସ ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲଳିତ ମୋହନ ଯୋଷୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡମ୍ବରୁ ଧର ଲହଜଲ, ସିଆରସିସି ରାଜେନ୍ଦ୍ର ଦୁରିଆ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଖେଳଶିକ୍ଷକ ଶ୍ରବଣ କୁମାର ଜାଲ ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ଭବାନୀଶଙ୍କର ନେଗି ସ୍ୱାଗତ ଭାଷଣ ଓ ଗୌରାଙ୍ଗ ଚରଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



## ମିଶନଶକ୍ତି ଓ ଏସ୍‌ଏଚ୍‌ଜି ମହିଳାଙ୍କ କମାଲ

# ପଲ୍ଲିଶ୍ରୀ ମେଳାରେ ୧କୋଟି ୩୩ ଲକ୍ଷ ଟଙ୍କାର ସାମଗ୍ରୀ ବିକ୍ରି

**ଭବାନୀପାଟଣା, ୨୦।୧(ସମିସ)**

ମହିଳା ସଶକ୍ତିକରଣ ସାମାଜିକ ପରିବର୍ତ୍ତନ ପାଇଁ ସୁଯୋଗ ସୃଷ୍ଟି କରିଛି। ପଞ୍ଚାୟତ ହେଉକି ପୌରାଞ୍ଚଳର ବିଭିନ୍ନ କାର୍ଯ୍ୟରେ ମହିଳାମାନଙ୍କ ପ୍ରତିନିଧିତ୍ୱ ସେମାନଙ୍କ ନେତୃତ୍ୱ ବିକାଶ କେବଳ ହୋଇଛି ତାହାନୁହେଁ ସ୍ୱାବଲମ୍ବୀ ମଧ କରିଥିବା ଦେଖାଯାଇଛି। ମହିଳାମାନଙ୍କ ସ୍ଥିତିର ପରିବର୍ତ୍ତନରେ କିଭଳି ସହାୟକ ହୋଇଛି ତାହା କଳାହାଣ୍ଡି ଉତ୍ସବ ଘୁମୁରାରେ ସ୍ପଷ୍ଟ ହୋଇଯାଇଛି। ବଜାର ଭିତ୍ତିକ ଅର୍ଥବ୍ୟବସ୍ଥା ସଫଳତାକୁ ନେଇ ମହିଳାମାନେ ବେଶ ଖୁସିଥିବା ଅନୁମାନ କରାଯାଇଛି। ଚଳିତବର୍ଷ କଳାହାଣ୍ଡି ଉତ୍ସବ ଅବସରରେ ଆୟୋଜିତ ପଲ୍ଲିଶ୍ରୀ ମେଳାରେ ସ୍ୱୟଂ ସହାୟକ ଗୋଷ୍ଠୀ ଯଥା ମିଶନ ଶକ୍ତିର ମହିଳାମାନେ ୧ କୋଟି ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ବିକ୍ରିକରି ରେକର୍ଡ ସୃଷ୍ଟି କରିଛନ୍ତି। ଏଥର ପଲ୍ଲିଶ୍ରୀ ମେଳାରେ ୧୧୨ଟି ଷ୍ଟଲ ପଡ଼ିଥିଲା। ଏଥିରେ ୧୨୦ ଟି ଗ୍ରୁପ ତଥା ଏସ୍‌ଏଚ୍‌ଜି ସମେତ ପ୍ରଡ୍ୟୁସର ଗ୍ରୁପ, ଫାର୍ମର ପ୍ରଡ୍ୟୁସର ଅର୍ଗାନାଇଜେସନ ଓ ଆର୍ଟିସିଆନ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ କଳାହାଣ୍ଡି ଜିଲ୍ଲାର ୩୦ଟି ଗ୍ରୁପ ସାମିଲ ହୋଇଥିଲେ। ମିଶନ ଶକ୍ତି, ନାବାର୍ଡ, ଏସ, ଏସ୍ଇ, ପିଡି, ଓ ଡିଏସ୍‌ଏସଓ ଏଜେନ୍ସି ଗୁଡ଼ିକର ଭୂମିକା ରହିଥିଲା। ମୁଖ୍ୟତଃ କାଠର କାରୁକାର୍ଯ୍ୟଭରା ବିଭିନ୍ନ ସାମଗ୍ରୀ ଠାରୁ



ଆରମ୍ଭ କରି ମସଲା, ହଳଦୀ ଗୁଣ୍ଡ, ଆଚାର, ବଡ଼ି ପାମ୍ପଡ଼ ଭିନ୍ନ ଭିନ୍ନ କିସମର ସ୍ୱାଦିଷ୍ଟ ଲଡ୍ଡୁ ଧୂପକାଠି ଏବଂ ହାତବୁଣା ଖଦି ଲୁଗା କପଡ଼ା ଓ ପୋଷାକ ମଧ ବହୁଳଭାବେ ବିକ୍ରି ହୋଇଥିଲା। ମୋଟ ଉପରେ ଏହି ବର୍ଷ ୧କୋଟି ୩୩ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଥିବା କଥା ଓରମାସ ପକ୍ଷରୁ କୁହାଯାଇଛି। ଗତ କଳାହାଣ୍ଡି ଉତ୍ସବରେ ପଲ୍ଲିଶ୍ରୀ ମେଳାରେ ୧କୋଟି ୨୦ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଥିବା ପ୍ରକାଶ। କେବଳ ସେତିକି ନୁହେଁ କଳାହାଣ୍ଡି ଓର୍‌ମାସ ନିଜର କାର୍ଯ୍ୟଦକ୍ଷତା ପାଇଁ ଶିଶିର ସରସ ୨୦୨୪ କାର୍ଯ୍ୟକ୍ରମରେ ରାଜ୍ୟସ୍ତରରେ ଉଚ୍ଚ ପ୍ରସଂଶିତ ହୋଇ ମାନପତ୍ର ଓ ଟ୍ରଫି ହାସଲ କରିବାର ସୌଭାଗ୍ୟ ଲାଭ କରିଛି। ଲୋକ ମହୋତ୍ସବ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଅନନ୍ୟ ସ୍ୱାକ୍ଷର ବହନ କରିଆସୁଥିବା ବେଳେ ଜିଲ୍ଲାର ଉନ୍ନୟନ ପ୍ରଦର୍ଶନୀ ଓ ପଲ୍ଲିଶ୍ରୀ ମେଳା ଯେମିତି ଜିଲ୍ଲା ବିକାଶର ଚିତ୍ର ଆଙ୍କି ଲକ୍ଷଲକ୍ଷ ଲୋକଙ୍କ ମନରେ ଆନନ୍ଦ ଉଲ୍ଲାସର କାରଣ ପାଲଟୁଛି।

# ଦେଓଗାଁରେ କିଶୋରୀ ମେଳା

**ଦେଓଗାଁ, ୨୦।୧(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଉଡାର, ଉପରଝର ଓ ବଡବନ୍ଧ ଆଦି ୩ ଟି ପଞ୍ଚାୟତ ମୁଖ୍ୟାଳୟରେ ଶନିବାର ସମନ୍ୱିତ ଶିଶୁ ବିକାଶ ସେବା ପ୍ରକଳ୍ପର ଆୟୋଜନ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ଅନ୍ତର୍ଭୁକ୍ତ ଏହି କାର୍ଯ୍ୟକ୍ରମରେ ପୋଷଣ ଅଭିବୃଦ୍ଧି ପାଇଁ ଜନସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଗାଁ ମାନଙ୍କରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଜନସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମରେ ସୁଦାମ ବିଶି ଓ ସାଥିଙ୍କ ଦ୍ୱାରା ପଥପ୍ରାନ୍ତ ନୃତ୍ୟ ସଞ୍ଚାର ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ସିଡିପିଓ ସୁକାନ୍ତୀ ବେହେରା, ଜିଲ୍ଲା କନସଲଟେଣ୍ଟ ସନ୍ଧ୍ୟାରାଣୀ ପତି, ଜରାସିଂହା ସେକ୍ଟର ସୁପରଭାଇଜର ନଳିନୀପ୍ରଭା ବେହେରା, ବିପିସି ଭକ୍ତିଭୂଷଣ ପଣ୍ଡା, ପୋଷଣ ବ୍ଲକ ସଂଯୋଜକ ନେପାଳ ଭୋଇ ପ୍ରମୁଖ ଉପସ୍ଥିତ ଥିବା ବେଳେ ସମସ୍ତ ଅଙ୍ଗନୱାଡିକର୍ମୀ ସହଯୋଗ କରିଥିଲେ।



